# ଜାତି ନକଲି, ଚାକିରି ଅସଲି

ଯାଜପୁର,୧୨।୧(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲାରେ ଶିକ୍ଷାଗତ ଓ ଜାତିଗତ ପ୍ରମାଣପତ୍ରରେ ଚଞ୍ଚକତା କରି ଶିକ୍ଷକତା କରୁଥିବା ଅଭିଯୋଗ ବହୁ ପୁରୁଣା। ହେଲେ ଜିଲା ଶିକ୍ଷା ବିଭାଗ କେବଳ ଶିକ୍ଷାଗତ ପ୍ରମାଣପତ୍ରରେ ନକଲି କରି ଚାକିରି କରୁଥିବା କେତେଜଣ ବ୍ୟକ୍ତିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଯାଜପୁର ସମଗ୍ର ଶିକ୍ଷା ବିଭାଗର ଜିଲା ଶିକ୍ଷାଧିକାରୀ (ଡିଇଓ) ୬।୧।୨୦୨୪ରେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଦେଇଥିବା ନକଲି ପ୍ରମାଣପତ୍ର ମାମଲା ତାଲିକାରୁ ଏହା ସ୍ପଷ୍ଟ ହୋଇଛି। ଉକ୍ତ ତାଲିକାରେ ୩୧।୧୨।୨୦୨୩ ସୁଦ୍ଧା ମାତ୍ର ୬ ଜଣ ପ୍ରାଥମିକ ଶିକ୍ଷକଙ୍କ ନାମରେ କାର୍ଯ୍ୟାନୁଷ୍ଠାନ ହୋଇଛି। ଏମାନଙ୍କ ବ୍ୟତୀତ ନୂତନ ନକଲି ଶିକ୍ଷକ କିମ୍ବା ପ୍ରମାଣପତ୍ର ଚିହ୍ନଟ ହୋଇ ପାରିନାହିଁ ବୋଲି ଡିଇଓ ତାଙ୍କ ତାଲିକାରେ ଦର୍ଶାଇଛନ୍ତି।

ଆଖପାଖ ଅଞ୍ଚଳରୁ ସ୍ୱଳ୍ପ ଜମି କିଣି ସେହି ଜମି ପଟ୍ଟା ବଳରେ ତଫସିଲଭୁକ୍ତ ଜାତି ଓ ଜନଜାତି ପ୍ରମାଣପତ୍ର ହାସଲ କରି ଶତାଧିକ ବ୍ୟକ୍ତି ସରକାରଙ୍କ ସମସ୍ତ ସୁବିଧାସୁଯୋଗ ହାସଲ କରୁଥିବା ଅଭିଯୋଗ ହେଉଛି। ହେଲେ ଜିଲା ପ୍ରଶାସନ ଦୀର୍ଘବର୍ଷ ହେବ ହାତବାନ୍ଧି ବସି ରହିଛି। ଏପରିକି ଉକ୍ତ ନକଲି ଆଦିବାସୀ ସରକାରୀ ଚାକରିଆ ତଥା ଶିକ୍ଷକମାନଙ୍କଠାରୁ ମାସିକ ଚାନ୍ଦା ନେଇ ସେମାନଙ୍କୁ ସୁରକ୍ଷା ଦିଆଯାଉଥିବା ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି।

ରାଜ୍ୟସ୍ତରୀୟ ସ୍କ୍ରୁଟିନି କମିଟିର ନିର୍ଦ୍ଦେଶ ଅନୁସାରେ ଯାଜପୁର ଜିଲା ସର୍ବଶିକ୍ଷା ଅଭିଯାନର ଜିଲା ପ୍ରକଳ୍ପ ସଂଯୋଜକ ୨୦୧୭ରେ ଦଶରଥପୁର ବ୍ଲକର ବିଭିନ୍ନ ସ୍କୁଲରେ ନକଲି ଜାତିଗତ ପ୍ରମାଣପତ୍ର ଦାଖଲ କରି ଶିକ୍ଷକତା କରୁଥିବା ୭ ଜଣଙ୍କୁ ଚାକିରିରୁ ବରଖାସ୍ତ କରିଥିଲେ। ୨ ବର୍ଷ ପୂର୍ବରୁ କୋରେଇ ବ୍ଲକ ପଛିକୋଟ ଓ ତରପଦା ସ୍କୁଲରେ ଅନୁରୂପ ଭାବେ ନକଲି ଜାତିଗତ ପ୍ରମାଣପତ୍ର ବଳରେ ଚାକିରି କରୁଥିବା ଅଭିଯୋଗରେ ୨ ଜଣ ଶିକ୍ଷକଙ୍କୁ ନିଲମ୍ବନ କରିଥିବା ସୂଚନା ମିଳିଥିଲା। ଅନୁରୂପ ଭାବେ ଗଜପତି ଜିଲାରେ ଶିକ୍ଷକତା କରୁଥିବା ଜଣେ ନିଲମ୍ବନ ହୋଇଥିବା ଜଣାପଡ଼ିଛି। ଏହି ୧୦ ଜଣଙ୍କ ନାମ ବର୍ତ୍ତମାନର ଡିଇଓଙ୍କ ତାଲିକାରେ ସ୍ଥାନ ପାଇନାହିଁ। ଏତିକିରେ ନକଲି ଜାତିଗତ ପ୍ରମାଣପତ୍ର ଉପରେ କାର୍ଯ୍ୟାନୁଷ୍ଠାନ ସୀମିତ ରହିଛି। ଯାଜପୁର ଜିଲା କୋରେଇ ବ୍ଲକରେ ଶତାଧିକ ଏପରି ନକଲି ଜାତିଗତ ପ୍ରମାଣପତ୍ରଧାରୀ ସରକାରୀ ଚାକିରି କରୁଥିବା ଜଣାପଡିଛି।

**ଯାଜପୁର ଜିଲା**

- ୬ ନକଲି ପ୍ରମାଣପତ୍ରଧାରୀ ଶିକ୍ଷକଙ୍କ ତାଲିକା ପ୍ରସ୍ତୁତ
- ନକଲି ଜାତିଗତ ପ୍ରମାଣପତ୍ରଧାରୀଙ୍କୁ ମାଫ୍
- ବଦଳି ହୋଇ ନକଲି ବିଇଓ ସୁରକ୍ଷିତ

ସାମାଜିକ କର୍ମୀ ରଞ୍ଜନ ନାୟକ ଓ ଅନ୍ୟମାନଙ୍କ ଅଭିଯୋଗ ଅନୁସାରେ ଅସନଝର ପଞ୍ଚାୟତର ଏକାଧିକ ବ୍ୟକ୍ତି ଖଣ୍ଡୁଆଳ ଜାତିର ଏବଂ ଏହି ଜାତିର ଲୋକମାନେ ଓବିସି ବର୍ଗର। ହେଲେ ସେମାନଙ୍କ ମଧ୍ୟରୁ ଜଣେ ବ୍ଲକ ଶିକ୍ଷାଧିକାରୀ(ବିଇଓ) ଭାବେ ଅଧିଷ୍ଠିତ ହୋଇଥିବାବେଳେ ଅନ୍ୟ କେତେକ ଶିକ୍ଷକତା ଜାରି ରଖିଛନ୍ତି। ପ୍ରଥମେ ଯାଜପୁର ଜିଲା ବଡ଼ଚଣା ବିଇଓ ଭାବେ ସେ ଦାୟିତ୍ୱ ନେଇଥିଲେ। ଜିଲାର କେତେଜଣ ସାମାଜିକ କର୍ମୀ ଏନେଇ ଅଭିଯୋଗ କରିବାରୁ ସେ ଉପରିସ୍ଥ ଅଧିକାରୀଙ୍କୁ ହାତ କରି କେନ୍ଦ୍ରାପଡ଼ା ଜିଲାକୁ ବଦଳି ହୋଇଛନ୍ତି। ଫଳରେ ସେଠାରେ ଏବେ ସେ ସୁରକ୍ଷିତ ରହି ଚାକିରି କରୁଥିବା ଚର୍ଚ୍ଚା ହେଉଛି। ଏପରି କି ଉକ୍ତ ଅଭିଯୁକ୍ତ ନକଲି ବ୍ଲକ ଶିକ୍ଷାଧିକାରୀ ଜଣକ କୁଆଡ଼େ କୋରେଇ ଅଞ୍ଚଳର ଅନେକ ନକଲି ଶିକ୍ଷକଙ୍କ ମାଷ୍ଟରମାଇଣ୍ଡ ଅଛନ୍ତି ବୋଲି କୁହାଯାଉଛି। ୨୩।୯।୨୦୨୨ରେ କୋରେଇ ବ୍ଲକ ଶିକ୍ଷାଧିକାରୀ ୯ ଜଣ ଶିକ୍ଷକଙ୍କ ଜାତିଗତ ପ୍ରମାଣପତ୍ର ତଦନ୍ତ ପାଇଁ ତହସିଲଦାରଙ୍କୁ ପତ୍ର ଲେଖିଥିଲେ। ହେଲେ ସମ୍ପୃକ୍ତ ତହସିଲଦାର ସେମାନଙ୍କ ପୂର୍ବପୁରୁଷ ଜାତି ଉପରେ ତଦନ୍ତ ନ କରି ଅଭିଯୁକ୍ତ ଶିକ୍ଷକମାନଙ୍କୁ କ୍ଲିନ୍‌ଚିଟ୍ ଦେଇଥିବା ଅଭିଯୋଗ ହେଉଛି। ଫଳରେ ସେମାନେ ଏବେବି ଶିକ୍ଷକତା କରୁଥିବା ଜଣାପଡିଛି। ତେଣୁ ନକଲି ଜାତିଗ୍ରତ ପ୍ରମାଣପତ୍ରଧାରୀଙ୍କୁ ଏବର ତାଲିକାରୁ ବାଦ ଦେଇ ନିଲମ୍ବିତ ଶିକ୍ଷକମାନଙ୍କୁ ପୁଣି ନିଯୁକ୍ତି ଦେବାର ଚକ୍ରାନ୍ତ ହେଉଛି କି ବୋଲି ସନ୍ଦେହ କରାଯାଇଛି।

ଡିଇଓଙ୍କ ତାଲିକା ଅନୁସାରେ ଜିଲାର ବଡ଼ଚଣା ବ୍ଲକର ଅମିୟ କୁମାର ବରାଳ, ଜୟନ୍ତୀ ସାହୁ ଓ ରାଜିଆ ସୁଲତାନା ଜାଲ ଜାତିଗତ ପ୍ରମାଣପତ୍ର ବଳରେ ଚାକିରି କରୁଥିବା ଅଭିଯୋଗରେ ନିଲମ୍ବିତ ହୋଇଛନ୍ତି। ସେହିପରି ରସୁଲପୁର ବ୍ଲକର ବିନୟ ଭୂଷଣ ସରଣ, କୋରେଇ ବ୍ଲକର ଦୁର୍ଯ୍ୟୋଧନ ସାହୁ ଓ ବଡ଼ଚଣା ବ୍ଲକର ମଞ୍ଜୁଲତା ନାୟକଙ୍କୁ ଚାକିରିରୁ ବହିଷ୍କାର କରାଯାଇଛି। ଏମାନଙ୍କ ନାମରେ ଥାନାରେ ମାମଲା ରୁଜୁ ହୋଇଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇ ନ ଥିବା ଜଣାପଡିଛି। ଏ ସଂକ୍ରାନ୍ତରେ ଯାଜପୁର ଡିଇଓ ନିବେଦିତା ପାଣିଙ୍କୁ ପଚାରିବାରୁ ସେ କହିଛନ୍ତି, ନକଲି ପ୍ରମାଣପତ୍ରଧାରୀ ଶିକ୍ଷକଙ୍କ ସଂକ୍ରାନ୍ତରେ ତଦନ୍ତ ଜାରି ରହିଛି। ପ୍ରମାଣ ମିଳିବା ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ବିଞ୍ଝାରପୁରରେ ଗଡ଼ିଲା ଜଗନ୍ନାଥ ଅର୍ପଣ ରଥ




ବିଞ୍ଝାରପୁର,୧୨।୧(ରାମକୃଷ୍ଣ ଦାସ)

ଆସନ୍ତା ୧୭ ତାରିଖରେ ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ପାଇଁ ରାଜ୍ୟ ସରକାରଙ୍କ ଆହ୍ୱାନରେ ପ୍ରତି ଅଞ୍ଚଳରେ ଜଗନ୍ନାଥଙ୍କ ଅର୍ପଣ ରଥ ପରିକ୍ରମା କରୁଛି। ଏହିକ୍ରମରେ ବିଞ୍ଝାରପୁର ବ୍ଲକ କାର୍ଯ୍ୟାଳୟ ପରିସରରୁ ପ୍ରତି ପଞ୍ଚାୟତକୁ ରଥ ପରିକ୍ରମା ଶୁଭାରମ୍ଭ କରାଯାଇଛି। ବାଚସ୍ପତି ପ୍ରମିଳା ମଲ୍ଲିକ ଏହି ରଥକୁ ପୂଜାର୍ଚ୍ଚନା କରିବା ସହିତ ଅରୁଆ ଚାଉଳ, ଗୁଆ, ନଡିଆ ଆଦି ଅର୍ପଣ କରି ଶୁଭାରମ୍ଭ କରିଛନ୍ତି। ବ୍ଲକ ପରିସରରୁ ୨୯ ପଞ୍ଚାୟତକୁ ଏହି ରଥ ପ୍ରେରଣ କରାଯାଇଛି। ଭଜନ, ସଙ୍କୀର୍ତ୍ତନ, ଘଣ୍ଟ ଓ ହୁଳହୁଳିରେ ସବୁଠି ରଥକୁ ସ୍ୱାଗତ କରାଯାଇ ଗୁଆ, ଅରୁଆ ଚାଉଳ ଅର୍ପଣ କରାଯାଇଛି। ସମଗ୍ର ବିଞ୍ଝାରପୁର ଅଞ୍ଚଳ ଜଗନ୍ନାଥମୟ ହୋଇଛି। ଶୁଭାରମ୍ଭ କାର୍ଯ୍ୟକ୍ରମରେ ବାଚସ୍ପତିଙ୍କ ସମେତ ବ୍ଲକ ଅଧ୍ୟକ୍ଷା ରଞ୍ଜିତା ଦାସ, ବିଡିଓ ବିଦ୍ୟେନ୍ଦୁ ଦାସ, ଜିଲା ପରିଷଦ ସଭ୍ୟ ନନ୍ଦକିଶୋର ସାମଲ, ସୁନିତା ନାୟକ, ମୁକ୍ତିକାନ୍ତ ସାମଲ, ରାମଚନ୍ଦ୍ର ବେହେରା, ଦିଲୀପ ରାଉଳ, ସାମାଜିକ କର୍ମୀ କୈଳାସ ସେଠୀ ଓ ଲେନିନ ଦାସ ପ୍ରମୁଖଙ୍କ ସମେତ ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ।

## ୨ ପଞ୍ଚାୟତରେ ସରିଲା ଅର୍ପଣ ରଥ ପରିକ୍ରମା



କୋରେଇ,୧୨।୧(ଚନ୍ଦ୍ରକାନ୍ତ ପତି)

କୋରେଇ ବ୍ଲକ୍ ଅଞ୍ଚଳର ୨ ପଞ୍ଚାୟତରେ ଅର୍ପଣ ରଥ ପରିକ୍ରମା ଶେଷହୋଇଛି। ଗତ ସୋମବାର ଧନେଶ୍ୱର ପଞ୍ଚାୟତ ବେଗନା ଗ୍ରାମସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରୁ ରଥ ପରିକ୍ରମା ଆରମ୍ଭ ହୋଇଥିଲା। ବ୍ଲକ୍ ଅଧୀନ ୨୮ ପଞ୍ଚାୟତର ପ୍ରତି ଗାଁକୁ ରଥ ପରିକ୍ରମା କରି ଗୁଆ, ଅରୁଆ ଚାଉଳ ସଂଗ୍ରହ କରିଛି। ବ୍ଲକର ପଛିକୋଟ ପଞ୍ଚାୟତରେ ୧୪ ୱାର୍ଡ ବୁଲିବା ପରେ ପଞ୍ଚାୟତବାସୀଙ୍କ ରଥକୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। କର୍ତ୍ତାଭାବେ ରଶ୍ମିରଞ୍ଜନ ସ୍ୱାଇଁ କାର୍ଯ୍ୟ ସମ୍ପାଦନ କରିଥିବାବେଳେ ସରପଞ୍ଚ ଗୀତାଞ୍ଜଳି ସେଠୀ, ସଭାପତି ଦିଲୀପ ସ୍ୱାଇଁ, ପଞ୍ଚାନନ ଆଚାର୍ଯ୍ୟ, କଳାକର ବାରିକ, କାଶୀନାଥ ପଲେଇ ଓ ସଂଯୁକ୍ତା ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ଅନ୍ଧାରି ପଞ୍ଚାୟତରେ ମଧ ୩ ଦିନ ଧରି ରଥ ବିଭିନ୍ନ ଗ୍ରାମ ବୁଲିଥିଲା। ଶୁକ୍ରବାର କୋରବନ୍ଦୀରେ ରଥ ଭ୍ରମଣ ଶେଷ ହୋଇଥିଲା। ଶତାଧିକ ଲୋକେ ଗ୍ରାମର ଶିବ ମନ୍ଦିର ନିକଟରେ ଏକାଠି ହୋଇ ରଥକୁ ସ୍ୱାଗତ କରିଥିଲେ। ସରପଞ୍ଚ ରାଜେନ୍ଦ୍ର ରାଉତରାୟ, ସମିତିସଭ୍ୟା ରଶ୍ମିତା କର, ଗୋଲକ କର, ଗଣେଶ୍ୱର ଦାସ, ତ୍ରିଲୋଚନ ମିଶ୍ର ଓ ଅଜୟ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଚିତାଳୋ ମହାବିଦ୍ୟାଳୟରେ ନବୀନ ଓଡ଼ିଶା ଉଦ୍‌ଯାପିତ

ଝୁମ୍ପୁରୀ,୧୨।୧(ସରୋଜ ନାୟକ)

ଦଶରଥପୁର ବ୍ଲକ୍ ଚିତାଳୋ ପଞ୍ଚାୟତ ଚିତାଳୋ ମହାବିଦ୍ୟାଳୟରେ ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଅଦ୍ୱୈତ ପ୍ରସାଦ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟ କେଶରୀ ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ବ୍ଲକ୍ ଅଧ୍ୟକ୍ଷ ଦିଗାମ୍ବର ମଲ୍ଲିକ, ମଣ୍ଡଳ ଶିକ୍ଷାଧିକାରୀ ଅନ୍ନଦା ପ୍ରସାଦ ରଣା, ଚିତାଳୋ ସରପଞ୍ଚ ବିଜୟାଲକ୍ଷ୍ମୀ ଶତପଥୀ, ସମିତିସଭ୍ୟ ବିଶ୍ୱଜିତ ରାୟ, ଯୁକ୍ତ୨ ମହାବିଦ୍ୟାଳୟ ଅଧ୍ୟକ୍ଷ ଅଜୟ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟାପକ ଗଣେଶ ପ୍ରସାଦ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ବଟକୃଷ୍ଣ ଦାସ, ପତିତପାବନଦାସ,ରାଜେନ୍ଦ୍ରକୁମାରବାରିକ ପ୍ରମୁଖ ସହଯୋଗ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରିଥିଲେ।

### ସ୍ୱାମୀ ବିବେକାନନ୍ଦ ଜୟନ୍ତୀ

ପାଣିକୋଇଲି,୧୨।୧(ବିକାଶ ମଲ୍ଲିକ)

କୋରେଇ ବ୍ଲକ ଅନ୍ତର୍ଗତ ଅମୃତିଆ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ଶୁକ୍ରବାର ପାଳିତ ହୋଇଯାଇଛି। ବରୁଣ୍ଡାଇ ବିବେକାନନ୍ଦ ଲୋକ ସଂସଦର ଆୟୋଜନକ୍ରମେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ବିଭିନ୍ନ ବିଦ୍ୟାଳୟର ଦୁଇ ଶହରୁ ଅଧିକ ଛାତ୍ରୀଛାତ୍ରଙ୍କୁ ନେଇ ଏକ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା। ବିବେକାନନ୍ଦ ଲୋକ ସଂସଦ ପକ୍ଷରୁ ଲମ୍ବୋଦର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅତିଥିଭାବେ ଅବସରପ୍ରାପ୍ତ ଅତିରିକ୍ତ ତହସିଲଦାର ରାମକୃଷ୍ଣ ମହାନ୍ତି, ମମତା ମଞ୍ଜରୀ ସାହୁ, ହରେକୃଷ୍ଣ ପଣ୍ଡା ମାତୃଭାରତୀର ସଭାପତି ଏପି ଅନିତା ସିଂହ, କିଶୋର ମହାପାତ୍ର ପ୍ରମୁଖ ଯୋଗେଦଇଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ମୋନାଲିସା ଶତପଥୀ ଧନ୍ୟବାଦ ଦେଇଥିଲେ।

### ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି ବୈଠକ

ଧର୍ମଶାଳା,୧୨।୧(ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ବ୍ଲକ ମୁରାରୀପୁରସ୍ଥିତ ଗୋପାଳ ଜୀଉ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଇଁ ଏକ ପ୍ରସ୍ତୁତି ବୈଠକ ପୁରାତନ ଛାତ୍ର ସଂସଦ ସଭାପତି ପ୍ରମୋଦ କରଙ୍କ ସଭାପତିତ୍ୱରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୯ରୁ ୩୧ ତାରିଖ ପର୍ଯ୍ୟନ୍ତ ବିଦ୍ୟାଳୟ ପରିସରରେ ଏହି ଉତ୍ସବ ଅନୁଷ୍ଠିତ ହେବ। ଏଥିରେ ବାଚସ୍ପତି, ମନ୍ତ୍ରୀ, ବିଧାୟକ, ବିଶିଷ୍ଟ ସାହିତ୍ୟିକ ଓ ରାଜ୍ୟ ବାହାରର ବହୁବିଶିଷ୍ଟ ଅତିଥି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ପୁରାତନ ଛାତ୍ର ସଂସଦ ପକ୍ଷରୁ ଏକ ସ୍ମରଣିକା ପ୍ରକାଶ ପାଇବ ବୋଲି ପୁରାତନ ଛାତ୍ର ସଂସଦ ସଭାପତି କର ଓ ସାଧାରଣ ସମ୍ପାଦକ ଡ. ଦିଲୀପ ନାୟକ ପ୍ରେସ ବିବୃତିରେ ସୂଚନା ଦେଇଛନ୍ତି।

## ୩ ମୁଖ୍ୟମନ୍ତ୍ରୀ ସଡ଼କର ଶିଳାନ୍ୟାସ



ବିଧାୟିକା ସୁନନ୍ଦା ଦାସ ୩ ମୁଖ୍ୟମନ୍ତ୍ରୀ ସଡ଼କ କାର୍ଯ୍ୟର ଶିଳାନ୍ୟାସ କରୁଛନ୍ତି।

ବରୀ, ୧୨।୧( ମହେନ୍ଦ୍ର ସ୍ୱାଇଁ)

ବରୀ ବ୍ଲକ୍ ଅଞ୍ଚଳରେ ଶୁକ୍ରବାର ୩ ମୁଖ୍ୟମନ୍ତ୍ରୀ ସଡ଼କ କାର୍ଯ୍ୟର ଶିଳାନ୍ୟାସ କରାଯାଇଛି। ଏଥିରେ ଭଳିନୂଆଗାଁଠାରୁ ବାଙ୍କସାହି ଭାୟା ସହରସାହି ରାସ୍ତା ରହିଛି। ଏହା ୨ କୋଟି ୬୨ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯିବ। ସେହିପରି ଏମ୍‌ଡିଆର-୧୪ ଗାନ୍ଧିଛକଠାରୁ ଓଉପଡ଼ା ଜଳସେଚନ ବନ୍ଧ ରାସ୍ତା ଭାୟା ବାଲିଆପାଳ ହାଟ ରହିଛି। ଏହାକୁ ୪ କୋଟି ୯୮ ଲକ୍ଷ ୩୮ ହଜାର ଟଙ୍କା ବିନିଯୋଗରେ ନିର୍ମାଣ କରାଯିବ। ସେହିପିର ମିତ୍ରସେନପୁରଠାରୁ ରାଉତସାହି ରାସ୍ତା କାର୍ଯ୍ୟ ପାଇଁ ଶିଳାନ୍ୟାସ କରାଯାଇଛି। ଏଥିଲାଗି ୨ କୋଟି ୯୩ ଲକ୍ଷ ୨୫ ହଜାର ଟଙ୍କା ବ୍ୟୟ କରାଯିବ। ଏହି ସବୁ ରାସ୍ତା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଅର୍ଥ ମଞ୍ଜୁର ହୋଇଛି।

ବରୀ ବିଧାୟିକା ସୁନନ୍ଦା ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ସମସ୍ତ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। କାର୍ଯ୍ୟକ୍ରମରେ କିମ୍ପିରିଆପାଳ ସରପଞ୍ଚ ହରପ୍ରିୟା ସାହୁ, ଅଟିରା ସରପଞ୍ଚ କୈଳାସ ମଲିକ, ସମିତିସଭ୍ୟ ପ୍ରୀତିରଞ୍ଜନ ଜେନା, ସାମାଜିକ କର୍ମୀ ଅରବିନ୍ଦ ମହାନ୍ତି, ବିଜେଡି ସଭାନେତ୍ରୀ ବୈଜୟନ୍ତୀ ମିଶ୍ର, ମହାକାଳପଡ଼ା ସରପଞ୍ଚ ପ୍ରଜ୍ଞାପରମିତା ପରିଡ଼ା, ପ୍ରାକ୍ତନ ସରପଞ୍ଚ କୁଞ୍ଜ ପରିଡ଼ା, ସମବାୟ ସମିତି ସଭାପତି କେଦାର ନାୟକ, ବ୍ଲକ୍ ସଭାପତି କେଦାର ସାମଲ, ଏମ୍‌ପିଙ୍କ ପ୍ରତିନିଧି ପ୍ରଦୀପ ଘଡ଼ାଇ, ଆର୍ତ୍ତବନ୍ଧୁ ସାମଲ, ନିର୍ମଳ ରାଉତ, ହରିହର ପଣ୍ଡା, ଅଭିମନ୍ୟୁ ସାହୁ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ଜୁମର ମଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ସୁନ୍ଦରିଆ ପ୍ରିମିୟର ଲିଗ୍: ଫାଇନାଲରେ ଜାରକା

ଧର୍ମଶାଳା,୧୨।୧(ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ବ୍ଲକ ସୁନ୍ଦରିଆ ପଞ୍ଚାୟତରେ ନିୟୁ ଲାଇଫ କ୍ଲବ ପକ୍ଷରୁ ଚାଲିଥିବା ସୁନ୍ଦରିଆ ପ୍ରିମିୟର କ୍ରିକେଟ ଲିଗରେ ଶୁକ୍ରବାର ପ୍ରଥମ ସେମିଫାଇନାଲ ମ୍ୟାଚରେ ଗଙ୍ଗାଧରପୁରକୁ ହରାଇ ଜରକା ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ଜାରକା ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରେ ସମସ୍ତ ଉଇକେଟ ହରାଇ ୨୦୯ ରନ କରିଥିଲା। ଦଳପକ୍ଷରୁ ଭବାନୀ ଶଙ୍କର ୭୨ ରନ ସଂଗ୍ରହ କରିଥିଲେ। ଗଙ୍ଗାଧରପୁର ୧୩ ଓଭରରେ ସମସ୍ତ ଉଇକେଟ ହରାଇ ୧୪୮ ରନ କରି ପରାଜିତ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍ ଧର୍ମଶାଳା ଇଲେଭେନ୍ ଓ ସୁଙ୍ଗୁଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଦଳପକ୍ଷରୁ ଦେବଦତ୍ତ ମହାରଣା ୫୦ ରନ କରିଥିଲେ। ଖେଳକୁ ସୁନୀଲ ନାୟକ ଓ ସାଗର ସାମଲ ପରିଚାଳନା କରିଥିଲେ। ଶନିବାର ଦ୍ୱିତୀୟ ସେମିଫାଇନାଲ ବରୀ ଓ ଧର୍ମଶାଳା ଇଲେଭେନ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଅୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

## ବାଙ୍କସାହି ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ଧର୍ମଶାଳା,୧୨।୧(ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ବ୍ଲକ ମଙ୍ଗଳପୁର ପଞ୍ଚାୟତ ବାଙ୍କସାହି ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥିଭାବେ ସରପଞ୍ଚ ପ୍ରମୋଦ ଜେନା, ଅତିଥିଭାବେ ସିଆର୍‌ସିସି ବ୍ରଜକିଶୋର ପଣ୍ଡା, ଅବସରପ୍ରାପ୍ତ ଶିକ୍ଷକ ଅଲେଖ ଚନ୍ଦ୍ର ନାୟକ ଓ କାଳନ୍ଦି ଚରଣ ନାୟକ ଯୋଗଦେଇଥିଲେ। ଚଳିତବର୍ଷ ୧୦୦ ମିଟର ଦୌଡ଼, ଲମ୍ଫ ଡିଆଁ, ଆଳୁ ଚାମଚ, ଟମାଟ ରେସ, ଅଖା ଦୌଡ଼, ବେଙ୍ଗ ଡିଆଁ, ଅଙ୍କ କଷା, ମ୍ୟୁଜିକ୍ ଚେୟାର ଓ ନୃତ୍ୟ ପରିବେଷଣ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉକ୍ତ ଖେଳରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ପରିଚାଳନା କମିଟି ସଭାପତି ସୁକଦେବ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସହକାରୀ ଶିକ୍ଷୟିତ୍ରୀ ରାଜଶ୍ରୀ ପଣ୍ଡା ଧନ୍ୟବାଦ ଦେଇଥିଲେ।

## ୫ମ ଦିନରେ ବୁଲିଲା ରଥ



ରସୁଲପୁର,୧୨।୧(ରଞ୍ଜିତ ରାଉତ)

ରସୁଲପୁର ବ୍ଲକ ଅଧୀନ ୧୭୩ ଗାଁରେ ଅର୍ପଣ ରଥ ବୁଲିବାକୁ ବିଭିନ୍ନ ପଞ୍ଚାୟତ ପକ୍ଷରୁ ପ୍ରୟାସ ଜାରି ରହିଛି। ଶୁକ୍ରବାର ରଥ ପରିକ୍ରମା କାର୍ଯ୍ୟକ୍ରମ ୫ମ ଦିନରେ ପହଞ୍ଚିଥିବାବେଳେ ବ୍ଲକର ମୁଗୁପାଳ ପଞ୍ଚାୟତ ପକ୍ଷରୁ ରଥ ଗାଁ ବୁଲି ଅରୁଆ ଚାଉଳ, ଗୁଆ ସଂଗ୍ରହ କରିଛି। କାର୍ଯ୍ୟକ୍ରମରେ ସରପଞ୍ଚ ପ୍ରଜ୍ଞାପରମିତା ମଲିକ, ସମିତିସଭ୍ୟ ନରୋତ୍ତମ ସାହୁ, ଯୁବନେତା ଦୁଷ୍ମନ୍ତ ମଲିକ ମଙ୍ଗୁଆଳ ସାଜିଥିଲେ। ପଞ୍ଚାୟତର ବିଭିନ୍ନ ଗ୍ରାମର ଲୋକେ ସାମିଲ ହୋଇଥିଲେ। ଭଜନ ସଂକୀର୍ତ୍ତନ ମଣ୍ଡଳି ସହ ରଥ ଗାଁ ଦାଣ୍ଡରେ ବୁଲିବା ସମୟରେ ପରିବାର ଲୋକେ ଅରୁଆ ଚାଉଳ, ଗୁଆ ଆଣି ରଥରେ ଅର୍ପଣ କରିଥିଲେ। ରଥକୁ ସ୍ୱାଗତ ପାଇଁ ଦାଣ୍ଡରେ ଝୋଟି, ରଙ୍ଗବେରଙ୍ଗର ଚିତା ଆଙ୍କିବା ସହ କଳସ ଥୋଇ ପୂଜାର୍ଚ୍ଚନା କରିଥିଲେ। ହରିବୋଲ, ହୁଳହୁଳି, ଶଙ୍ଖ, ଘଣ୍ଟ, ଘଣ୍ଟା ନାଦରେ ପରିବେଶ ଶବ୍ଦାୟିତ ହୋଇଉଠିଥିଲା। ସେହିପରି ଦ୍ୱିତୀୟ ଦିନରେ ରାଉତରାପୁର ପଞ୍ଚାୟତରେ ରଥ ପରିକ୍ରମା ଜାରି ରହିଛି। ସରପଞ୍ଚ ସ୍ୱର୍ଣ୍ଣଲତା ସାହୁ ଓ ତାଙ୍କ ସମର୍ଥକ ଗାଁ ବୁଲି ଲୋକଙ୍କ ଆଶିଷଲାଭ କରିଥିଲେ। ସେହିପରି ସରପଞ୍ଚ ଅନ୍ୱେଷା କସର ଅତଳାପୁର ପଞ୍ଚାୟତରେ ରଥ ପରିକ୍ରମା ଜାରି ରଖିଛନ୍ତି। ଏହିଭଳି ଭାବରେ ବ୍ଲକର ବିଭିନ୍ନ ଗାଁରେ ରଥ ପରିକ୍ରମା ଜାରି ରହିଛି। ଟିକରପଡ଼ା ପଞ୍ଚାୟତରେ ସରପଞ୍ଚ ପଦ୍ମାବତୀ ଭଦ୍ର ରଥ ପରିକ୍ରମା କାର୍ଯ୍ୟକ୍ରମର ମଙ୍ଗୁଆଳ ସାଜିଛନ୍ତି। ସଂଗୃହୀତ ଚାଉଳ, ଗୁଆକୁ ସଂରକ୍ଷିତ ରଖାଯାଇଛି। ଉକ୍ତ ଚାଉଳକୁ ପୁରୀ ଶ୍ରୀଜଗନ୍ନାଥଙ୍କ ପୀଠକୁ ପଠାଯିବ ବୋଲି ପଞ୍ଚାୟତ ପକ୍ଷରୁ ସୂଚନା ଦିଆଯାଇଛି।

## ୧୦ ପଞ୍ଚାୟତରେ ଅର୍ପଣ ରଥ ପରିକ୍ରମା

ଧର୍ମଶାଳା,୧୨।୧(ବଟକୃଷ୍ଣ ପରିଡ଼ା)



ଧର୍ମଶାଳା ବ୍ଲକ ପ୍ରଶାସନ ପକ୍ଷରୁ ଶୁକ୍ରବାର ୧୩ନଂ. ଜୋନର ୧୦ ପଞ୍ଚାୟତରେ ଅର୍ପଣ ରଥ ପରିକ୍ରମା କରି ଅରୁଆଚାଉଳ ଓ ଗୁଆ ସଂଗ୍ରହ କରିଛି। ବ୍ଲକ ଅଧ୍ୟକ୍ଷ ପ୍ରଭାତ ବଳବନ୍ତରାୟଙ୍କ ନେତୃତ୍ୱରେ ରଥ ଜୋନର କୁମାରୀ, ନେଉଳପୁର, କଣ୍ଟିଗଡ଼ିଆ, କ୍ଷେତ୍ରପାଳ, ହରିଦାସପୁର, ଆରୁହା, ତରଞ୍ଜିଆ, ପାଖର, ଥାନୁଆଳ, ଗଙ୍ଗାଧରପୁର ଆଦି ପରିକ୍ରମା କରିଛି। ରଥ ପରିକ୍ରମାବେଳେ ମହିଳାମାନେ ରାସ୍ତାରେ ମୁରୁଜ ପକାଇ ଠାକୁରଙ୍କୁ ବନ୍ଦାପନା କରିଥିଲେ। କାର୍ଯ୍ୟକ୍ରମରେ ଗଙ୍ଗାଧରପୁର ସରପଞ୍ଚ ତ୍ରିଲୋଚନ ଜେନା, ସମିତିସଭ୍ୟା ତିଳୋତମା ବରାଳ, ସୁନିଲ ମହାନ୍ତି, ସଦାନନ୍ଦ ନାୟକ, ପ୍ରମୋଦ ବରାଳ, ପଦ୍ମାଳୟା ମିଶ୍ର, ସରୋଜିନୀ ରାୟ, ରଶ୍ମିତା ଜେନା, ପିଙ୍କି ସେଠୀ ପ୍ରମୁଖ ସାମିଲ ହୋଇଥିଲେ। ଉପରୋକ୍ତ ପଞ୍ଚାୟତଗୁଡିକରୁ ସଂଗୃହୀତ ଚାଉଳ ଓ ଗୁଆ ଭାଲୁଖାଇସ୍ଥିତ ଜଗନ୍ନାଥ ମନ୍ଦିରରେ ରଖାଯାଇଛି। ଶନିବାର ନିର୍ବାଚନମଣ୍ଡଳୀର ୩୪ନଂ. ଜୋନରେ ଅର୍ପଣ ରଥ ପରିକ୍ରମା କରି ଗୁଆ ଓ ଚାଉଳ ସଂଗ୍ରହ କରିବ ବୋଲି ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ବିପଦପୂର୍ଣ୍ଣ ଅବସ୍ଥାରେ ହାଇଟ୍ ବ୍ୟାରିକେଡ୍

କାଏମା,୧୨।୧(ଶିବପ୍ରସାଦ ମହାନ୍ତି)

ଧର୍ମଶାଳା ବ୍ଲକ୍ ଅଧୀନ ଗୋକର୍ଣ୍ଣେଶ୍ୱର-ରମାପୁର ନଦୀବନ୍ଧ ରାସ୍ତାର କାଏମା ବ୍ରିଜ ନିକଟ ରାସ୍ତାରେ ବିପଦପୂର୍ଣ୍ଣ ଅବସ୍ଥାରେ ଝୁଲି ରହିଛି ହାଇଟ୍ ବ୍ୟାରିକେଡ୍। ଏହି ବ୍ୟାରିକେଡ୍‌ଟି ସମ୍ପୂର୍ଣ୍ଣ ଲୁହାରେ ନିର୍ମିତ ହୋଇଛି। ଏହାର ଗୋଟିଏ ପାର୍ଶ୍ୱଭାଙ୍ଗି ଯାଇଥିବାବେଳେ ଅନ୍ୟ ପାର୍ଶ୍ୱଟି ଖଣ୍ଡେ ରଡ୍ ଉପରେ ଲାଗିକି ରହିଛି। ରାସ୍ତାଟି ପୂର୍ତ୍ତ ବିଭାଗ ଅଧୀନରେ ରହିଛି। ରାସ୍ତା ୧୬ ନମ୍ବର ଜାତୀୟ ରାଜପଥର ଗୋକର୍ଣ୍ଣେଶ୍ୱର ନିକଟରୁ ଭାୟା ରମାପୁର ଦେଇ ପାରାଦୀପକୁ ସଂଯୋଗ କରୁଛି। ଅନେକ ସମୟରେ ଚଣ୍ଡିଖୋଲ ପାରାଦୀପ ରାଜପଥରେ ଥିବା ଶ୍ରୀରାମପୁର ଟୋଲ ଗେଟ୍‌ରେ ଟିକସ ନ ଦେବା ପାଇଁ ଏହି ରାସ୍ତା ଦେଇ ଅନେକ ଟ୍ରକ ଆଇରନ ବୋଝେଇ କରି ଯାତାୟାତ କରୁଥିବା ଦେଖିବାକୁ ମିଳିଥିଲା। ତେଣୁ ବଡ଼ ଗାଡ଼ିଗୁଡ଼ିକ ଏହି ରାସ୍ତା ଦେଇ ନ ଯିବା ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ହାଇଟ ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ସ୍ଥାନୀୟ ବାଲିମାଫିଆ ହାଇୱାରେ ବାଲି ପରିବହନ କରିବାକୁ ଏହାକୁ ଉପରକୁ ଉଠାଇ ଦେଇଥିଲେ। ଫଳରେ ରାତି ସମୟରେ କୌଣସି ଗାଡ଼ି ଧକ୍କା ଦେବାରୁ ଏହା ଭାଙ୍ଗି ଯାଇ ଝୁଲି ରହିଛି। ତେଣୁ ଏହାର ତୁରନ୍ତ ମରାମତି ପାଇଁ ଦାବି ହୋଇଛି। ଏ ସମ୍ପର୍କରେ ଯନ୍ତ୍ରୀ ନରୋତ୍ତମ ଦାସଙ୍କୁ ପଚାରିବାରୁ ସେ ଏହାର ମରାମତି କରାଯିବ ବୋଲି କହିଛନ୍ତି। ଏବେ ଦେଖିବାକୁ ଅପେକ୍ଷା କେବେ ଏହାର ମରାମତି କରାଯାଉଛି।



## ଥାନା ଫାଟକ ସମ୍ମୁଖ ତ୍ରିନାଥ ମନ୍ଦିରରୁ ଚୋରି

ସୁକିନ୍ଦା,୧୨।୧(ସତ୍ୟଜିତ ଦାଶ)

ସୁକିନ୍ଦା ଥାନା ଫାଟକ ନିକଟରେ ଥିବା ତ୍ରିନାଥ ଦେବଙ୍କ ମନ୍ଦିରରୁ ଗୁରୁବାର ରାତିରେ ଅଳଙ୍କାର ଚୋରି ହୋଇଛି। ଥାନାରୁ ପୋଲିସ ପାଟ୍ରୋଲିଂ ଗାଡ଼ି ଯିବାପରେ ଲୁଟ୍ ହୋଇଥିବା ଅନୁମାନ କରାଯାଉଛି। ସେଥିମଧ୍ୟରେ ବ୍ରହ୍ମଦେବଙ୍କ ତିନିମୁଣ୍ଡ, ବିଷ୍ଣୁଦେବ ଏବଂ ଭୋଳାନାଥଙ୍କ ଦୁଇ ମୁଣ୍ଡରେ ଥିବା ରୁପା ମୁକୁଟ, ସମସ୍ତ ଦେବଙ୍କ ସୁନାର ଚକ୍ଷୁ, ସୁନା ଏବଂ ରୁପାର ତିଳକ ଆଦି ରହିଛି। ଅଳଙ୍କାରଗୁଡ଼ିକର ମୂଲ୍ୟ ଲକ୍ଷାଧିକ ଟଙ୍କାହେବ ବୋଲି ପୂଜକ ଗଣେଶ ମିଶ୍ର ଥାନାରେ ଦେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି। ପୋଲିସ ତାଙ୍କ ଅଭିଯୋଗ ଆଧାରରେ ଏକ ମାମଲା ନଂ.୧୩/୨୪ ରୁଜୁ କରିବା ସହ ଜଣକୁ ଅଟକ ରଖି ତଦନ୍ତ ଚଳାଇଥିବା ଭାରପ୍ରାପ୍ତ ଥାନା ଅଧିକାରୀ ରଞ୍ଜନ ମଲିକ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ କିଛିମାସ ହେବ ସୁକିନ୍ଦା ଏବଂ ଆଖପାଖ ଅଞ୍ଚଳରେ ଚୋରି ବଢ଼ିଯାଇଥିବାରୁ ଏହା ପୋଲିସ ଏବଂ ସାଧାରଣଜନତାଙ୍କ ପାଇଁ ଚିନ୍ତାର କାରଣ ସାଜିଛି। ଏ ସମ୍ପର୍କରେ ସ୍ଥାନୀୟ ବାସିନ୍ଦା ତଥା ଭାଜପା ଜିଲା ଉପସଭାପତି ପୁଷ୍ପକ ମହାପାତ୍ର କହିଛନ୍ତି, ଏଠାରେ ବାରମ୍ବାର ଚୋରି ହେଉଥିଲେ ମଧ୍ୟ ପୋଲିସକୁ ଆଖିଦୃଶିଆ ସଫଳତା ମିଳୁନାହିଁ, ଯଦ୍ୱାରା ସାଧାରଣ ଜନତା ଭୟଭିତ ହୋଇ ରହୁଛନ୍ତି। ତେଣୁ ପୋଲିସ ଘଟଣାକୁ ଗୁରତ୍ୱ ଦେଇ ତଦନ୍ତ କରିବାକୁ ସେ ଦାବି କରିଛନ୍ତି।

## ରେଢୁଆ, ରାଢ଼ଙ୍ଗରେ ଧାନମଣ୍ଡି ଖୋଲିଲା

ରଘୁନାଥପୁର,(ରାଜେନ୍ଦ୍ର ନାରାୟଣ ସିଂହ): ରଘୁନାଥପୁର ବ୍ଲକ ରେଢୁଆ ପ୍ରାଥମିକ କୃଷି ସମବାୟ ସମିତି ଓ ରାଢ଼ଙ୍ଗ କୃଷି ସେବା ସମବାୟ ସମିତି ପକ୍ଷରୁ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଉଭୟ ସମିତି ଦାୟିତ୍ୱରେ ଥିବା ସମ୍ପାଦକ ଭଗବାନ ପ୍ରସାଦ ସ୍ୱାଇଁ ଏହାକୁ ପରିଚାଳନା କରିଥିଲେ। ରେଢୁଆ ସମିତିରେ ସଭାପତି ପ୍ରଦୀପ୍ତ କିଶୋର ମହାନ୍ତିଙ୍କ ତତ୍ତ୍ୱାବଧାନରେ ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀ ଏହାର ଶୁଭାରମ୍ଭ କରିଥିଲେ। ଜିଲାପରିଷଦ ସଭ୍ୟା ଇତିଶ୍ରୀ ମଲ୍ଲିକ, ସ୍ଥାନୀୟ ସରପଞ୍ଚ କିଶୋର ଚନ୍ଦ୍ର ବେହେରା, ତଅଁରା ସରପଞ୍ଚ ବଟକୃଷ୍ଣ ନାୟକ ଓ ସମିତି ସଭ୍ୟା ଶାନ୍ତିଲତା ଦ୍ୱିବେଦୀ, ସିସିବି ଶାଖା ପରିଚାଳକ ଅଜୟ କୁମାର ପରିଡା, ପ୍ରମୁଖ ଉପସ୍ଥିତ ଥିଲେ।



## ସଂକ୍ଷେପରେ

### ବର୍ଦ୍ଧିତ ଦୋକାନ ଘର ଭଡ଼ା ଉପରେ ପୁନର୍ବିଚାର ହେଉ'

**ବନ୍ଦର ଅଧ୍ୟକ୍ଷଙ୍କୁ ଭେଟିଲେ ବଣିକସଂଘ ସଭାପତି**

ପାରାଦୀପ,୧୨।୧(ଶରତ ରାଉତ)

ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ୍. ହାରାନ୍ଧଙ୍କୁ ଶୁକ୍ରବାର ସନ୍ଧ୍ୟାରେ ପୋର୍ଟ ବଣିକସଂଘ ସଭାପତି ସନ୍ତୋଷ କୁମାର ପଟ୍ଟନାୟକ ଭେଟିଛନ୍ତି। ସମ୍ପ୍ରତି ପାରାଦୀପ ବନ୍ଦର ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ଏବଂ ପ୍ରଥମକରି ରାଷ୍ଟ୍ରପତିଙ୍କୁ ଆଣିଥିବାରୁ କୃତଜ୍ଞତା ଜଣାଇଥିଲେ। ଏହି ଅବସରରେ ସେ ଦୋକାନ ଘର ଭଡ଼ା ବୃଦ୍ଧି ସମ୍ପର୍କରେ ଆଲୋଚନା କରିଥିଲେ। ଚଳିତବର୍ଷ ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ଦୋକାନ ଘର ଭଡ଼ା ୧୦୦ ରୁ ୧୭୦ ପ୍ରତିଶତ ବୃଦ୍ଧି କରାଯାଇଛି। ଏପରି ବୃଦ୍ଧି ଶତାଧିକ ବ୍ୟବସାୟୀଙ୍କୁ ବାଧିଛି। ଏହା ଉପରେ ପୁନର୍ବିଚାର କରିବା ପାଇଁ ସଭାପତି ପଟ୍ଟନାୟକ ଅଧ୍ୟକ୍ଷ ହାରାନ୍ଧଙ୍କୁ ଅନୁରୋଧ କରିଛନ୍ତି। ଏନେଇ ପଦକ୍ଷେପ ନିଆଯିବ ବୋଲି ଅଧ୍ୟକ୍ଷ ପ୍ରତିଶ୍ରୁତି ଦେଇଥିବା ପଟ୍ଟନାୟକ କହିଛନ୍ତି।

### ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୬ ତମ ଜନ୍ମ ମହୋତ୍ସବ ପାଇଁ ପ୍ରସ୍ତୁତି

ତିର୍ତ୍ତୋଲ, ୧୨।୧(ଗୌରାଙ୍ଗ ଚରଣ ସ୍ୱାଇଁ)

ତିର୍ତ୍ତୋଲ ବ୍ଲକ କନିମୂଳ ପଞ୍ଚାୟତ ଅନ୍ତର୍ଗତ ମଉଗଜପୁର ସତ୍‌ସଙ୍ଗ ବିହାରରେ ଆସନ୍ତା ୨୧ରେ ଠାକୁର ଶ୍ରୀଶ୍ରୀ ଅନୁକୂଳଚନ୍ଦ୍ରଙ୍କ ୧୩୬ତମ ଜନ୍ମ ମହୋତ୍ସବ ପାଳନ ନିମନ୍ତେ ଶନିବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମହୋତ୍ସବରେ ଜିଲା ତଥା ବାହାରୁ ୫୦ ହଜାରରୁ ଅଧିକ ଶ୍ରଦ୍ଧାଳୁ ଯୋଗଦେବେ। ଏନେଇ ଶାନ୍ତି ଶୃଙ୍ଖଳା ରକ୍ଷା ସହ ଅନ୍ୟାନ୍ୟା ସମସ୍ତ କାର୍ଯ୍ୟ ସମ୍ପନ୍ନ କରିବା ଲାଗି ବିଭିନ୍ନ କମିଟି ଗଠନ କରାଯାଇଛି ବୋଲି କାର୍ଯ୍ୟକର୍ତ୍ତା କହିଥିଲେ। ସତ୍‌ସଙ୍ଗ ବିହାରର ସଭାପତି ଡାକ୍ତର ନଗେନ୍ଦ୍ରନାଥ ସ୍ୱାଇଁ, ସମ୍ପାଦକ ରତ୍ନାକର ନାୟକ , କୋଷାଧ୍ୟକ୍ଷ ବାନାମ୍ବର ପୃଷ୍ଟି , ନିର୍ମଳ କୁମାର ଜେନା, ଉତ୍ସବ କମିଟି ସଭାପତି ନାନୁ ଚରଣ ରାଉତ, ପୂର୍ବତନ ସରପଞ୍ଚ ବେଦଦ୍ୟୁତି ପୃଷ୍ଟି, ଅର୍କଜ୍ୟୋତି ପାଣି ଓ ସୁରେନ୍ଦ୍ର ନାଥ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

### ଖବରଦାତାଙ୍କ ମାତୃ ବିୟୋଗ

କୁଜଙ୍ଗ,୧୨।୧(ମନୋଜ ପ୍ରଧାନ)

କୁଜଙ୍ଗ ଅଞ୍ଚଳର ବରିଷ୍ଠ ଖବରଦାତା ତଥା ଫତେପୁର ପଞ୍ଚାୟତ ଜଳଧରପୁର ଗ୍ରାମର ବରିଷ୍ଠ ଖବରଦାତା ଗୌରହରୀ



ସ୍ୱାଇଁଙ୍କ ମା' ଶୁକ ସ୍ୱାଇଁ(୮୧)ଙ୍କ ଗୁରୁବାର କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ। ଏହି ଖବରପାଇ ଖବରଦାତା ଦୁଷ୍ମନ୍ତ ମାଝି, ବିଚିତ୍ରାନନ୍ଦ ପ୍ରଧାନ, ରଞ୍ଜିତ କୁମାର ପଣ୍ଡା, ଗିରିଜା ପ୍ରସାଦ ମହାନ୍ତି ପ୍ରମୁଖ ଶେଷ ଦର୍ଶନ କରିଛନ୍ତି । ଜାମାତା ପୂର୍ବତନ ସରପଞ୍ଚ ରଞ୍ଜନ କୁମାର ସ୍ୱାଇଁ, ପୁତ୍ର ଗୌରହରି ସ୍ୱାଇଁ, ପୁତ୍ରବଧୂ ନୀତମ୍ବିନୀ ସାମନ୍ତରାୟ, ପୁତୁରା ସୁରେନ୍ଦ୍ର କୁମାର ସ୍ୱାଇଁ, ମହେନ୍ଦ୍ର ସାମଲ, ଉପେନ୍ଦ୍ର ସ୍ୱାଇଁ ପ୍ରମୁଖ ଶୁକଙ୍କ ମୃତ୍ୟୁ ଶଯ୍ୟା ନିକଟରେ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ଚେୟାର ଫାଙ୍କା, ଔପଚାରିକତା ପାଇଁ ସମ୍ମିଳନୀ

ଜଗତ୍‌ସିଂହପୁର, ୧୨।୧
(ପ୍ରମୋଦ କୁମାର ନାୟକ)



**ଇଭିଏମ୍, ଭିଭିପିଏଟିର ବ୍ୟବହାର ପାଇଁ ସଚେତନତା ବୈଠକ**

୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଭୋଟରଙ୍କୁ ଇଭିଏମ୍, ଭିଭିପିଏଟିର ବ୍ୟବହାର ସମ୍ପର୍କରେ ସଚେତନ କରିବା ଏବଂ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ନେଇ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ରାଜନୈତିକ ଦଳ ଓ ଖବରଦାତାମାନଙ୍କ ସହ ଏକ ସମ୍ମିଳନୀର ଆୟୋଜନ ହୋଇଥିଲା। ଏଥିରେ ସମସ୍ତ ପ୍ରମୁଖ ରାଜନୈତିକ ଦଳର ପ୍ରତିନିଧି କିମ୍ବା ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ନ ଥିଲେ। ନାଁକୁ ମାତ୍ର ହାତଗଣତି କେତେଜଣରେ ଔପଚାରିକତା ପୂରଣ ପାଇଁ ସମ୍ମିଳନୀର ଆୟୋଜନ କରାଯାଇଥିଲା। ତେବେ କ'ଣ ପାଇଁ ଚେୟାର ଫାଙ୍କା ପଡ଼ିଲା ସେନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି।

ଜିଲାରେ ପ୍ରାକ୍ ନିର୍ବାଚନୀ ଚର୍ଚ୍ଚା ଲାଗି ରହିଥିବାବେଳେ ଏଭଳି ଏକ କାର୍ଯ୍ୟକ୍ରମରେ ବିଶେଷକରି ପ୍ରମୁଖ ରାଜନୈତିକ ଦଳର ପ୍ରତିନିଧିଙ୍କ ଅନୁପସ୍ଥିତି ଆଲୋଚନାକୁ ଖୋରାକ ଯୋଗାଇଛି। ଏ ସମ୍ପର୍କରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ (ଡିଆଇପିଆରଓ) କାମିନୀ ରଞ୍ଜନ ପଟ୍ଟନାୟକ କହିଛନ୍ତି, ସମସ୍ତ ରାଜନୈତିକ ଦଳ ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ଡକାଯାଇଥିଲା। କିନ୍ତୁ ସେମାନେ ନ ଆସିଲେ ସେ କ'ଣ କରିପାରିବେ ବୋଲି କହିଛନ୍ତି।

ଡିଆଇପିଆର୍‌ଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ପରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି। ଆଜିଠାରୁ ଜିଲାର ୨ ସ୍ଥାନରେ ଇଭିଏମ୍, ଭିଭିପିଏଟି ପ୍ରଦର୍ଶନ କେନ୍ଦ୍ର ଖୋଲାଯାଇଛି। ୧୮ ବର୍ଷରୁ ଅଧିକ ସମସ୍ତ ପଞ୍ଜୀକୃତ ଭୋଟରମାନେ ମେଶିନର ବ୍ୟବହାର ସମ୍ପର୍କରେ ଅବଗତ ପାଇଁ ସୁଯୋଗ ପାଇବେ। ନିଜ ନିର୍ବାଚନମଣ୍ଡଳୀ ଅଞ୍ଚଳରେ ଭୋଟରଙ୍କୁ ସଚେତନ କରିବା ଏହାର ମୂଳ ଲକ୍ଷ୍ୟ ରହିଛି। ଏଥିସହ ଜିଲାର ଗଣମାଧ୍ୟମ ପ୍ରତିନିଧିମାନଙ୍କ ସହ ୨୦୨୪ ନିର୍ବାଚନ ସମ୍ପର୍କରେ ଆଲୋଚନା କରିବାର ଥିଲା। ଗତ ନିର୍ବାଚନରେ ଜିଲାରେ ଭୋଟର ସଂଖ୍ୟା ୯,୦୪,୦୯୯ ଥିବାବେଳେ ଏଥର ଏହା ୯,୪୮,୬୫୭ରେ ପହଞ୍ଚିଛି। ଅପରପକ୍ଷେ ୨୦,୩୯୫ ଜଣ ମୃତ ବା ଅନୁପସ୍ଥିତ ଥିବା କାରଣରୁ ତାଲିକାରୁ ବାଦ ପଡିଛନ୍ତି। ୨୦୧୯ ନିର୍ବାଚନରେ ମହିଳା ଓ ପୁରୁଷ ଭୋଟର ଅନୁପାତ ୮୯୮:୧୦୦୦ ଥିବାବେଳେ ଏବର୍ଷ ମହିଳା ୯୨:୧୦୦୦ ରହିଛି। ୮୦ ଓ ତଦୁର୍ଦ୍ଧ୍ୱ ବୟସର ଭୋଟର ସଂଖ୍ୟା ୨୬,୩୩୭, ଭିନ୍ନକ୍ଷମ ୨୨୫୧୩ ଓ ଚାକିରିଆ ଭୋଟର ୧୪୫୩ ରହିଛନ୍ତି। ଜିଲାରେ ମୋଟ ୧୦୪୭ଟି ପୋଲିଂ ବୁଥ ଥିବାବେଳେ ୮୫୪ଟି ଚିହ୍ନଟ ହୋଇସାରିଲାଣି। ସମସ୍ତ ଭୋଟରଙ୍କୁ ଇଭିଏମ୍ ମେଶିନ ସହ ପରିଚିତ କରାଇବାକୁ ଜିଲାରେ ୨ଟି ସ୍ଥାୟୀ କେନ୍ଦ୍ର ଏବଂ ୧୦ଟି ଭ୍ରାମ୍ୟମାଣ ଇଭିଏମ୍ ପ୍ରଦର୍ଶନ ରଥ ପରିକ୍ରମା କରିବ। ଭ୍ରାମ୍ୟମାଣ ରଥ ଆସନ୍ତା ୧୬ରୁ ଜିଲାରେ ବୁଲିବ। ପ୍ରତି ଷ୍ଟେଶନରେ ରଥ ୯୦ ମିନିଟ ରହିବ। କାର୍ଯ୍ୟକ୍ରମରେ ଜିଲାପାଳ ପାରୁଲ ପଟାୱରୀ, ଅତିରିକ୍ତ ଜିଲାପାଳ ଚିନ୍ମୟୀ ବିଶ୍ୱାଳ, ସହକାରୀ ଜିଲାପାଳ ରାଜେଶ କୁମାର ସାହୁ, କଳ୍ପିତା ଜେନା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# କଟ୍‌ନିଛଟ୍‌ନିକୁ ନେଇ କ୍ରୟ କମିଟି ଅସନ୍ତୁଷ୍ଟ

କୁଜଙ୍ଗ,୧୨।୧(ମନୋଜ ପ୍ରଧାନ)

**ଧାନମଣ୍ଡି ଉଦ୍‌ଘାଟିତ**

ଚାଷୀଙ୍କଠାରୁ ସରକାରୀସ୍ତରରେ ଖରିଫ ଧାନ କ୍ରୟ ପାଇଁ କୁଜଙ୍ଗସ୍ଥିତ ବାଗୋଇ ପ୍ରାଥମିକ ସେବା ସମବାୟ ସମିତି ପକ୍ଷରୁ ଶୁକ୍ରବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି । ବାଗୋଇ ସରପଞ୍ଚ ପ୍ରଭାଞ୍ଜଳି ସେଠୀ ଏହାକୁ ଉଦ୍‌ଘାଟନ କରିଥିବାବେଳେ କେନ୍ଦ୍ରୀୟ ସମବାୟ ସମିତି ବ୍ୟାଙ୍କର କୁଜଙ୍ଗ ଶାଖା ପରିଚାଳକ ସୁଜିତ ଦାସ ଚାଷୀଙ୍କ ଶୁଭକାମନା କରିଥିଲେ। ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ପ୍ରାଥମିକ ସେବା ସମବାୟ ସମିତି ସଭାପତି ଅଭୟ କୁମାର ମହାପାତ୍ର, ପୂର୍ବତନ ସରପଞ୍ଚ ବିଜୟ ଖଟେଇ, କୃଷକ ନେତା ଶ୍ରୀନିବାସ ଜୁଝାରସିଂ, ଶରତ ବଳିୟାରସିଂ, ପୂର୍ବତନ ସମିତି ସଭ୍ୟ ଇନ୍ଦୁ ଭୂଷଣ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ । ମଣ୍ଡିରେ କୁଇଣ୍ଟାଲ ପ୍ରତି ୩ କିଲୋଗ୍ରାମ ଧାନ କଟ୍‌ନିଛଟ୍‌ନି ହେବ ବୋଲି କୁହାଯିବାରୁ କ୍ରୟ କମିଟି ସଭ୍ୟ ଶ୍ରୀନିବାସ ଜୁଝାର ସିଂ କ୍ଷୋଭ ପ୍ରକାଶ କରିଥିଲେ । ସରକାରୀ ଘୋଷଣାନୁସାରେ ନିୟୋଜିତ ମିଲରର ଅଖା ଯୋଗାଇ ଦେବାର ନିର୍ଦ୍ଦେଶ ଥିବା ବେଳେ ତାହା ଅଦ୍ୟାବଧି ଚାଷୀଙ୍କ ନିକଟରେ ପହଞ୍ଚି ପାରିନାହିଁ । ସମବାୟ ସମିତି ସଭାପତି ସ୍ପଷ୍ଟ ମଧ କରିପାରୁନାହାନ୍ତି ବୋଲି ସେ କହିଥିଲେ। ସେବା ସମବାୟ ସମିତି ସମ୍ପାଦକ ସାରଦା ପ୍ରସାଦ ପ୍ରଧାନ ଉତ୍ସବ ପରିଚାଳନା କରିବା ସହ ଆସନ୍ତା ମଙ୍ଗଳବାରଠାରୁ ଧାନ କ୍ରୟ ହେବ ବୋଲି ସୂଚନା ଦେଇଥିଲେ ।



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ।

# ଭୂମିହୀନଙ୍କୁ ଘରଡିହ ଯୋଗାଇବାକୁ ଦାବି



ଭୂମିହୀନ ଭୋଇ ସମ୍ପ୍ରଦାୟ ଲୋକେ ତହସିଲ ଅଫିସ ଘେରାଉ କରିଛନ୍ତି।

ବାଲିକୁଦା, ୧୨।୧(ତାପସ ସ୍ୱାଇଁ)

**ତହସିଲ କାର୍ଯ୍ୟାଳୟ ଘେରାଉ**

ବସୁନ୍ଧରା ଯୋଜନାରେ ଭୂମିହୀନ ଅନୁସୂଚିତ ଜାତି (ଭୋଇ ସମ୍ପ୍ରଦାୟ)ଙ୍କୁ ଘରଡିହ ଯୋଗାଇ ଦିଆଯିବା ଦାବିରେ ଶୁକ୍ରବାର ତହସିଲ କାର୍ଯ୍ୟାଳୟ ଘେରାଉ କରାଯାଇଛି । ଏହି ଅବସରରେ ଅତିରିକ୍ତ ତହସିଲଦାର ବିରଜା ପ୍ରସାଦ ରାୟଙ୍କୁ ଏକ ଦାବିପତ୍ର ଦିଆଯାଇଥିଲା। ଆନ୍ଦୋଳନର ନେତୃତ୍ୱ ନେଉଥିବା ଅଲ ଓଡ଼ିଶା ଭୋଇ ସମାଜ ବିକାଶ ପରିଷଦ ଜଗତସିଂହପୁର ଜିଲା ସଂଯୋଜକ ଶଙ୍କର ଦାସ

ଏହି ଦାବିପତ୍ର ପ୍ରଦାନ କରିଥିଲେ । ଦାବିପତ୍ରରେ ଦର୍ଶାଯାଇଛି ଯେ, ଏହି ବ୍ଲକର ଉପକୂଳବର୍ତ୍ତୀ ଅଞ୍ଚଳରେ ବସତି ସ୍ଥାପନ କରାଯାଇଛି। ଏଠାରେ ହଜାରରୁ ଊର୍ଦ୍ଧ୍ୱ ଭୋଇ ସମ୍ପ୍ରଦାୟର ଲୋକେ ବସବାସ କରୁଥିବାବେଳେ ଭୋଇ ସମ୍ପ୍ରଦାୟ ଅତି ଦୟନୀୟ ଅବସ୍ଥାରେ କାଳାତିପାତ କରୁଛନ୍ତି। ସରକାର ସେମାନଙ୍କ ପାଇଁ ବସୁନ୍ଧରା ଯୋଜନା କରିଥିଲେ ସୁଦ୍ଧା ସେମାନଙ୍କୁ ଘରଡ଼ିହ ଯୋଗାଇ ଦିଆଯାଇ ପାରିନାହିଁ। ବାରମ୍ବାର ଆବେଦନ ପରେ ବି ଏମାନେ ନିରାଶ ହୋଇଛନ୍ତି । ଏନେଇ ଦାବିଦାରମାନେ ଶୁକ୍ରବାର ବାଲିକୁଦା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇ ନିଜର ହକ ପାଇଁ ଅଡ଼ି ବସିଥିଲେ। ଦାବି ପୂରଣ ନ ହେଲେ ଆସନ୍ତା ସାଧାରଣ ନିର୍ବାଚନକୁ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ଭାଜପାର ଯୁବ ନେତା ସତ୍ୟାସାରଥି ମହାନ୍ତି ସେମାନଙ୍କ ଦାବିରେ ସ୍ୱର ମିଳାଇ ଆନ୍ଦୋଳନରେ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜୟ ଦାସ, ରତ୍ନାକର କାଣ୍ଡିଙ୍କ ସମେତ ବହୁ ନେତୃମଣ୍ଡଳୀ ଏଥିରେ ଯୋଗଦେଇଥିଲେ।

# କଂଗ୍ରେସ ନେତାଙ୍କ ମାତୃ ଆଶୀର୍ବାଦ ଯାତ୍ରା

ରଘୁନାଥପୁର,୧୨।୧(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ପୁରୁଣାବସନ୍ତ ପଞ୍ଚାୟତରେ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତା ଇଂ. ହିମାଂଶୁ ଭୂଷଣ ମଲ୍ଲିକଙ୍କ ପୂର୍ବ ସୂଚନା ଅନୁଯାୟୀ ୬୧ ପଞ୍ଚାୟତ ଏକଷଠି ଦିନ କାର୍ଯ୍ୟକ୍ରମ ଜରିଆରେ ମାତୃ ଆଶୀର୍ବାଦ ଯାତ୍ରା ଚାଲିଛି। ଏହି ପରିପ୍ରେକ୍ଷୀରେ ସେ ଗତ ଗୁରୁବାର ସନ୍ଧ୍ୟାରେ ଉକ୍ତ ପଞ୍ଚାୟତର ବିଭିନ୍ନ ଛକ ବଜାରରରେ ପହଞ୍ଚି ଜନସମ୍ପର୍କକୁ ବ୍ୟାପକ କରିବା ସହ ସେମାନଙ୍କ ସମସ୍ୟା ପଚାରି ବୁଝିଥିଲେ । ଶୁକ୍ରବାର ଏହି ପଦଯାତ୍ରା ଉକ୍ତ ପଞ୍ଚାୟତର ବାଲଂଶା ଗ୍ରାମରୁ ଆରମ୍ଭ ହୋଇ ଦେଉଳିସାହି ଦେଇ ପୁରୁଣାବସନ୍ତଠାରେ ସମାପ୍ତ ହୋଇଥିଲା। ଏହି ଅବସରରେ ଇଂ ମଲ୍ଲିକ ଲୋକଙ୍କ ଘର ବୁଲି ବିଶେଷ କରି ମା'ମାନଙ୍କର ଆଶୀର୍ବାଦ ନେବା ସହ ନିଜର ସଂକଳ୍ପ ପତ୍ରକୁ ବଣ୍ଟନ କରିଥିଲେ। ଜିଲା କଂଗ୍ରେସ ସଭାପତି ନଟବର ବାରିକ, ବ୍ଲକ କଂଗ୍ରେସ ସଭାପତି ପ୍ରଶାନ୍ତ ଦାସ, ଉପସଭାପତି ଆର୍ତ୍ତତ୍ରାଣ ପଣ୍ଡା, ମାନସ ଗୋଛାୟତ, ପୁରୁଣାବସନ୍ତ ସରପଞ୍ଚ କାଳନ୍ଦୀ ମହାନ୍ତି ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

# ହେଲ୍‌ମେଟ୍‌ଧାରୀଙ୍କୁ ଗୋଲାପ,ଚକୋଲେଟ୍




ହେଲ୍‌ମେଟ୍ ପିନ୍ଧିଥିବା ବାଇକ୍ ଚାଳକଙ୍କୁ ଗୋଲାପ ଫୁଲ ଦିଆଯାଉଛି।

ଜଗତ୍‌ସିଂହପୁର, ୧୨।୧
(ପ୍ରମୋଦ କୁମାର ନାୟକ)

**ସଡ଼କ ସୁରକ୍ଷା ସଚେତନତା**

ପ୍ରତ୍ୟହ ସଡ଼କ ଦୁର୍ଘଟଣାରେ ଅନେକ ମୃତାହତ ହେଉଛନ୍ତି। ଲୋକମାନଙ୍କ ଭିତରେ ସଚେତନତାର ଅଭାବ ସାଙ୍ଗକୁ ଖାମଖିଆଲ ମନୋଭାବ ଯୋଗୁ ଏଭଳି ଘଟୁଛି। ତେଣୁ ଲୋକଙ୍କ ଭିତରେ ସଚେତନତା ବୃଦ୍ଧି ପାଇଁ ଶୁକ୍ରବାର ରାଜ୍ୟର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ନିଃସ୍ୱାର୍ଥ ସେବା ସଙ୍ଗଠନ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଜଗତ୍‌ସିଂହପୁର ପୌରା ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ସଚେତନତା ସୃଷ୍ଟି କରାଯାଇଥିଲା। ସଙ୍ଗଠନର ସଦସ୍ୟମାନେ ରାସ୍ତାରେ ଯାଉଥିବା ବାଇକ ଚାଳକଙ୍କୁ ଅଟକାଇ ଯେଉଁମାନେ ହେଲମେଟ୍ ପିନ୍ଧିଥିଲେ ସେମାନଙ୍କୁ ଗୋଲାପ ଫୁଲ ଓ ଚକୋଲେଟ୍ ଦେଇ ଧନ୍ୟବାଦ ଜଣାଇଥିଲେ। କିନ୍ତୁ ବିନା ହେଲମେଟ୍‌ଧାରୀଙ୍କୁ ସଡ଼କ ସୁରକ୍ଷା ନିୟମ ସମ୍ବନ୍ଧରେ ଅବଗତ କରାଇବା ସହ ଆଗକୁ ସତର୍କ ରହିବାକୁ ଲିଫ୍‌ଲେଟ୍ ବାଣ୍ଟିଥିଲେ। ଏ ସମ୍ପର୍କରେ ସଙ୍ଗଠନର ସଭାପତି ସୁଦର୍ଶନ ଦାଶ ଓ ସମ୍ପାଦକ ସୁଶୀଲ ମହାରଣା କହିଛନ୍ତି, ପ୍ରତ୍ୟେକଙ୍କ ଭିତରେ ଟ୍ରାଫିକ ନିୟମ ପାଳନ ନେଇ ବ୍ୟାପକ ସଚେତନତା ପାଇଁ ଏହା ପ୍ରାଥମିକ ପ୍ରୟାସ। ଆଗାମୀ ଦିନରେ ଅଭିଯାନ ଜାରି ରହିବ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଙ୍ଗଠନର ଅତୁଲ୍ୟ ନନ୍ଦ, ଶୀତୁନ ସାହୁ, ନାରାୟଣ ସାହୁ, ରାମଚନ୍ଦ୍ର ରାଉତ, ତପନ ବାଘ, ସୁଶାନ୍ତ ଭଞ୍ଜ, ବୈକୁଣ୍ଠ ଜେନା ଓ ସ୍ଥାନୀୟ ପୋଲିସ କର୍ମଚାରୀମାନେ ଯୋଗ ଦେଇଥିଲେ।

# ଯୁବଶକ୍ତି ନବୀନ ଓଡ଼ିଶା ନିର୍ମାଣର ସାରଥି ସାଜନ୍ତୁ

ରଘୁନାଥପୁର,୧୨।୧(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ କୁର୍ତ୍ତାଙ୍ଗସ୍ଥିତ ସ୍ୱାମୀ ଅରୂପାନନ୍ଦ ଉଚ୍ଚ ମାଧ୍ୟମିକ ଶିକ୍ଷା ବିଦ୍ୟାଳୟରେ ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା ପକ୍ଷରୁ ଚାଲିଥିବା ସମନ୍ୱିତ ଯୁବବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ କଲେଜ ଅଧ୍ୟକ୍ଷ ସୁକାନ୍ତ କୁମାର ମହାନ୍ତିଙ୍କ ପୌରୋହିତ୍ୟରେ ଉଦ୍‌ଯାପନୀ ସଭା ଆୟୋଜନ କରାଯାଇଥିଲା। ତିର୍ତ୍ତୋଲ ବିଧାୟକ ବିଜୟଶଙ୍କର ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ଯୁବଶକ୍ତି ନବୀନ ଓଡ଼ିଶା ନିର୍ମାଣର ସାରଥି ସାଜନ୍ତୁ ବୋଲି କହିଥିଲେ। ଜଗତସିଂହପୁର ଜିଲା ପରିଷଦ ଅଧ୍ୟକ୍ଷ ମନୋଜ କୁମାର ଭୋଇ ମୁଖ୍ୟବକ୍ତା ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଛାତ୍ରୀଛାତ୍ରଙ୍କ କ୍ଷେତ୍ରରେ ଏହାର ସଫଳ ରୂପାୟନ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ବେହେରା ଓ ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀ, ଜିଲାପରିଷଦ ସଭ୍ୟା ରିନାରାଣୀ ମଲ୍ଲିକ ଓ ଇତିଶ୍ରୀ ମଲ୍ଲିକ, ସ୍ଥାନୀୟ ସରପଞ୍ଚ ମନଜିନି ସାହୁ ଓ ସମିତି ସଭ୍ୟ କମଳାକାନ୍ତ ପରିଡା ଓ ତାରପୁର ସମିତି ସଭ୍ୟା ପୂଜାଲତା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ଅଧ୍ୟାପକ ତଥା କାର୍ଯ୍ୟକ୍ରମର ନୋଡାଲ ଅଫିସର ରମେଶ ଚନ୍ଦ୍ର ସାହୁ ଅତିଥି ପରିଚୟ ସହ ସଭା ସଞ୍ଚାଳନ କରିଥିଲେ। ଏହି ଅବସରରେ ସାଂସ୍କୃତିକ,ସାମାଜିକ ଓ କ୍ରୀଡା କ୍ଷେତ୍ରରେ ସଫଳତା ହାସଲ କରିଥିବା କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା।

# ୫ ଦଫା ଦାବିରେ ମହିଳାଙ୍କ ବିକ୍ଷୋଭ

ଏରସମା,୧୨।୧ (ଦୀପ୍ତି ରଞ୍ଜନ ଖଣ୍ଡୁଆଳ)

ଏରସମାସ୍ଥିତ ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ମାତୃଶକ୍ତି ଏମଡିଏମ- ଏସଏଚ୍‌ଜି ଆସୋସିଏଶନର ଏରସମା ବ୍ଲକ କମିଟି ପକ୍ଷରୁ ୫ ଦଫା ଦାବିରେ ବିକ୍ଷୋଭ କରାଯାଇଥିଲା। ଏନେଇ ଶତାଧିକ ଆନ୍ଦୋଳନକାରିଣୀ ଏରସମା ଜଗନ୍ନାଥ ମନ୍ଦିର ନିକଟରୁ ପଦ ଯାତ୍ରାରେ ବାହାରି ଏରସମା ବଜାର ପରିକ୍ରମା କରି ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଅନୁଷ୍ଠାନର ଉପଦେଷ୍ଟା ତଥା ଜିଲା ଆବାହକ ପ୍ରଦୀପ୍ତ ରାମଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଆୟୋଜନ କରାଯାଇଥିଲା। ଏଥିରେ ସଭାନେତ୍ରୀ ନିର୍ମଳା ଖଟୁଆ, ସମ୍ପାଦିକା ମମତା ଦାସ, ସ୍ୱର୍ଣ୍ଣପ୍ରଭା ନାୟକ, ଶୈଳବାଳା ଓଝା, ନର୍ମଦା ଖଟୁଆ, ବଲ୍ଲଭି ସାହୁ, ନିର୍ମଳା ବେହେରା, ଭାବିଲତା ଶୁକ୍ଲା, ବେବିନା ମହାପାତ୍ର, ସସ୍ମିତା ସାହୁ ପ୍ରମୁଖ ଉପସ୍ଥିତ ହୋଇ ସେମାନଙ୍କ ଦାବି ଉପରେ ବକ୍ତବ୍ୟ ଦେଇଥିଲେ। ମଧ୍ୟାହ୍ନ ଭୋଜନ ଦାୟିତ୍ୱ ନେଇଥିବା ଏସ୍‌ଏଚ୍‌ଜି ସଦସ୍ୟାଙ୍କୁ ଖର୍ଚ୍ଚ ପ୍ରଦାନ, ମିଲ ଖର୍ଚ୍ଚ ବୃଦ୍ଧି କରିବା, ଅନ୍ୟୂନ ୩ ମାସର ଚାଉଳ ମହିଳାମାନଙ୍କ ପାଖରେ ରହିବା ବ୍ୟବସ୍ଥା କରିବା, ସ୍କୁଲର ବାକିଥିବା ମଧ୍ୟାହ୍ନ ଭୋଜନ ଯୋଗାଣ ଦାୟିତ୍ୱ ଏସ୍‌ଏଚଜି ସଦସ୍ୟାଙ୍କୁ ପ୍ରଦାନ କରିବା, ମହିଳାମାନଙ୍କୁ ଖାତାପତ୍ର କ୍ରୟ ଓ ଯାତାୟାତ ଖର୍ଚ୍ଚ ପ୍ରଦାନ କରିବା ଉପରେ ଏକ ଦାବିପତ୍ର ଏବିଇଓ ଗୋପବନ୍ଧୁ ନାୟକଙ୍କୁ ପ୍ରଦାନ କରାଯାଇଥିଲା।




ମହିଳାମାନେ ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରୁଛନ୍ତି।

# 'ପୂର୍ବଭଳି ଶିକ୍ଷକ-ଛାତ୍ରଙ୍କ ମଧ୍ୟରେ ସୁସମ୍ପର୍କ ରହୁନି'

ନାଉଗାଁ,୧୨।୧ (ସୁଧା ବେହୁରା)

ନାଉଗାଁ ବ୍ଲକ ଅନ୍ତର୍ଗତ ବିପିନି ବିହାରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ପ୍ଲାଟିନମ ଜୁବୁଲି ଅନୁଷ୍ଠିତ ହୋଇଯାଇଛି। ଅତୀତରେ ବିଦ୍ୟାଳୟର ଭିତ୍ତିଭୂମି ଏତେ ସୁଦୃଢ ନ ଥିଲା। କିନ୍ତୁ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସୁସମ୍ପର୍କ ଥିଲା। ଏବେ ଶିକ୍ଷାର ଭିତ୍ତିଭୂମିର ପରିବର୍ତ୍ତନ ହୋଇଛି। ପୂର୍ବଠାରୁ ଶିକ୍ଷାର ମାନ ବୃଦ୍ଧି ପାଇଛି। କିନ୍ତୁ ପୂର୍ବଭଳି ଶିକ୍ଷକ ଓ ଛାତ୍ରଙ୍କ ମଧ୍ୟରେ ସମନ୍ୱୟ ରହୁନାହିଁ ବୋଲି ମୁଖ୍ୟ ଅତିଥିଭାବେ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଓ ଉଚ୍ଚ ଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ମୁଖ୍ୟ ବକ୍ତାଭାବେ ବିଧାୟକ ତଥା ବିଧାନସଭାର ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି ଯୋଗଦେଇ କାର୍ଯ୍ୟକ୍ରମର ସଫଳତାକୁ ନେଇ ସାଧୁବାଦ ଜଣାଇଥିଲେ। ୮୦ ବର୍ଷ ତଳେ ଯେଉଁ ବ୍ୟକ୍ତିତ୍ୱମାନଙ୍କ ପାଇଁ ଏହି ଅନୁଷ୍ଠାନ ଗଢ଼ିଉଠିଥିଲା ସେହିମାନଙ୍କ ଯୋଗୁ ଆଜି ଉକ୍ତ ଅଞ୍ଚଳରେ ଶିକ୍ଷାର ବିକାଶ ଘଟିଛି ବୋଲି ସେ ମତବ୍ୟକ୍ତ କରିଥିଲେ। ସଭାପତି ଜ୍ୟୋତିଷ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଶିଷ୍ଟ ଅତିଥି ଭାବେ ଏମ୍‌ପି ଡ. ରାଜଶ୍ରୀ ମଲ୍ଲିକ, ସମ୍ମାନିତ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ତୃପ୍ତା ଲେଙ୍କା, ଇଂ.ଅକ୍ଷୟ ସାହାଣୀ, ଚୌଧୁରୀ ବିରଞ୍ଚି ନାରାୟଣ ଦାସ, ଗୋଠଦା ମଠାଧୀଶ ଚିନ୍ତାମଣି ପର୍ବତ ଗୋସ୍ୱାମୀ ଉପସ୍ଥିତ ଥିଲେ। ପ୍ଲାଟିନମ ଜୁବୁଲି ସମାରୋହ କମିଟିର ସମ୍ପାଦକ ଅବସରପ୍ରାପ୍ତ ଅଧ୍ୟାପକ ସରୋଜ କୁମାର ନାୟକ ସ୍ୱାଗତ ଭାଷଣ ଦେଇଥିବାବେଳେ ସହକାରୀ ଶିକ୍ଷୟିତ୍ରୀ ପ୍ରଜ୍ଞା ପରମିତା ନାୟକ ମଞ୍ଚ ପରିଚାଳନା କରିଥିଲେ। ପ୍ରଥମେ ଅତିଥିମାନେ ବିଦ୍ୟାଳୟର ପ୍ରତିଷ୍ଠାତା ବିପିନି ବିହାରୀ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ସମାରୋହର ଫଳକ ଉନ୍ମୋଚନ କରିଥିଲେ। ପରେ ଅତିଥିମାନଙ୍କ ଦ୍ୱାରା ବିଦ୍ୟାଳୟର ସ୍ମୃତି ଗ୍ରନ୍ଥ ଲୋକାର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟରେ ସମସ୍ତ ପୁରାତନ ଓ ବର୍ତ୍ତମାନର ଛାତ୍ରୀଛାତ୍ର ଯୋଗ ଦେଇଥିଲେ।



ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

**ବିପିନି ବିହାରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ଲାଟିନମ୍ ଜୁବିଲି**

## ସଂକ୍ଷେପରେ

### ୧୯୭୨ ମାଟ୍ରିକ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

**ଖଣ୍ଡପଡ଼ା,୧୨।୧(ଅଜୟ କୁମାର ମହାରଣା):** ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ କଣ୍ଟିଲୋ ନୀଳମାଧବ ବିଦ୍ୟାପୀଠ ୧୯୭୨ ମାଟ୍ରିକ ବ୍ୟାଚର ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ପଥରଚକଡାସ୍ଥିତ ମା' ନାରାୟଣୀ ପୀଠରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପୁରାତ ଛାତ୍ର ତଥା ସଭାପତି ବସନ୍ତ କୁମାର ମହାରଣା, ସମ୍ପାଦକ ଶ୍ରୀପତି ମହାରଣା, କୋଷାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ମହାପାତ୍ର ଓ ବିଜୟ କୁମାର ଶିରୋମଣୀଙ୍କ ଆବାହକତ୍ୱରେ ଶୁକ୍ରବାର ୮୮ରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରମାନେ ପରିବାର ପୀଠରେ ଏକତ୍ର ହୋଇଥିଲେ। ୫ମ ବାର୍ଷିକ ଏହି କାର୍ଯ୍ୟକ୍ରମରେ ଦୀର୍ଘ ୫୨ବର୍ଷ ପରେ ପୁରାତନ ସହପାଠୀମାନେ ଏକାଠି ହୋଇ ବିଗତ ଦିନର ସ୍ମୃତିକୁ ରୋମନ୍ଥନ କରିଥିଲେ। ଏହା ଛଡା ନିଜ ନିଜ ଗ୍ରାମ ଓ ସମାଜର ବିକାଶ ଦିଗରେ କାର୍ଯ୍ୟ କରିବା ସଙ୍ଗେ ସଙ୍ଗେ କୃଷ୍ଣ ସୁଦାମା ପରି ବନ୍ଧୁତା ସ୍ଥାପନ କରିବାକୁ ମତ ରଖିଥିଲେ। ପ୍ରଥମେ ପରଲୋକଗତ ସହପାଠୀମାନଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ଅତିଥି ଭାବେ ଖବରଦତା ପ୍ରଭାକର ଶିରୋମଣୀ ଯୋଗଦେଇ ଉପସ୍ଥିତ ପୁରାତନ ସହପାଠୀଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଶେଷରେ ସଭାପତି ବସନ୍ତ ମହାରଣା ସମସ୍ତଙ୍କ ଉଦ୍ଦେଶ୍ୟରେ ବଦାୟ ସମ୍ଭାଷଣ ଓ ଭବିଷ୍ୟତ କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏ ଅବସରରେ ସହପାଠୀ କୃଷ୍ଣଚନ୍ଦ୍ର ସାହୁ, ଡ. ପ୍ରଫୁଲ୍ଲ କୁମାର ମିଶ୍ର, ପ୍ରଫୁଲ୍ଲ କୁମାର ପଣ୍ଡା ଓ ମିସେସ ପଣ୍ଡା, ବିଶ୍ୱନାଥ ବେହେରା, ବୃନ୍ଦାବନ ଦଳେଇ, ସବିତା ଦଳେଇ ଓ ପ୍ରତିମା ଦାଶ ପ୍ରମୁଖ ନିଜ ନିଜ ମନ୍ତବ୍ୟ ପ୍ରଦାନ କରିଥିଲେ।

### ବିଦ୍ୟାଳୟରେ ଜାତୀୟ ଯୁବ ଦିବସ

**ଖଣ୍ଡପଡ଼ା,୧୨।୧(ଅଜୟ କୁମାର ମହାରଣା):** ଖଣ୍ଡପଡ଼ା ବ୍ଲକ ଅଧୀନ ଯୋଗିଆପଲ୍ଲୀ ସରକାରୀ ଉନ୍ନୀତ ଉଚ୍ଚବିଦ୍ୟାଳୟରେ ଶୁକ୍ରବାର ସ୍ୱାମୀ ବିବେକାନନ୍ଦଙ୍କର ଜୟନ୍ତୀ ତଥା ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଧାନ ଶିକ୍ଷକ ବସନ୍ତ କୁମାର ସାହୁଙ୍କ ପୌରୋହିତ୍ୟରେ ସଭା ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ସ୍ୱାମୀ ବିବେକାନନ୍ଦଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଛାତ୍ରୀଛାତ୍ରମାନେ ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ବୃତ୍ତାନ୍ତ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ପିଲାମାନେ ଶପଥ ନେଇଥିଲେ। ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ସାହୁ, ଦେବରାଜ ଦାଶ, ଶିକ୍ଷୟିତ୍ରୀ ଯୋଗମାୟା ମହାପାତ୍ର, ପୁଷ୍ପାଞ୍ଜଳି ପୃଷ୍ଟି ବିବେକାନନ୍ଦଙ୍କ ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ। ପରେ ଶିକ୍ଷକ ଅରୁଣ ବରାଡ, ବୈକୁଣ୍ଠନାଥ ନାଏକ, ଓ ଶିକ୍ଷୟିତ୍ରୀ ମାନସୀ କୁମାରୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

# ନୂଆ ଓଡ଼ିଶା ଗଠନରେ ଭାଗୀଦାର ହୁଅ



ନୂଆ ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯକ୍ରମରେ ମଞ୍ଚାସୀନ ଅତିଥି।


ଯୋଗ ଦେଇଥିବା ବିଭିନ୍ନ କଲେଜର ଛାତ୍ରୀଛାତ୍ରମାନେ।

**ନୟାଗଡ,୧୨।୧(ଲୋକନାଥ ମିଶ୍ର)**

ନୟାଗଡ଼ ବ୍ଲକର ଲାଠିପଡା ଟାଙ୍ଗି ପଡ଼ିଆରେ ଶୁକ୍ରବାର ଆୟୋଜିତ ନୂଆ ଓ ଯୁବ ଓଡ଼ିଶା ନୀବନ ଓଡ଼ିଶା କାର୍ଯ୍ୟକ୍ରମରେ ଭିଡିଓ ବାର୍ତ୍ତାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫ ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଯୋଡି ହୋଇ ଛାତ୍ରୀଛାତ୍ରଙ୍କୁ ଗୁରୁମନ୍ତ୍ର ଦେଇଛନ୍ତି। ପ୍ରତିବର୍ଷ ନୂଆ ଓ କାର୍ଯ୍ୟକ୍ରମ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ନୂଆ ଓଡ଼ିଶା ଗଠନରେ ଭାଗିଦାର ହେବା ପାଇଁ ଛାତ୍ରୀଛାତ୍ରଙ୍କୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ନୂଆ ଓ ଉତ୍ସବ କେମିତି ଲାଗୁଛି ଛାତ୍ରୀଛାତ୍ରଙ୍କୁ ପ୍ରଶ୍ନ ପଚାରିଥିଲେ ପାଣ୍ଡିଆନ। ଉତ୍ତର ପାଇବା ପରେ ପ୍ରତିବର୍ଷ ଏହି କାର୍ଯ୍ୟକ୍ରମ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା କହିଥିଲେ। ନୂଆ ଓଡ଼ଶା ଗଠନରେ ସମସ୍ତଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି। ପାଠପଢ଼ା ସହ ଡିବେଟ, ନୃତ୍ୟ ପରି ସ୍ୱତନ୍ତ୍ର କାର୍ଯ୍ୟକମରେ ଭାଗ ନିଅନ୍ତୁ। ଏଥିରେ ଦକ୍ଷତାର ବିକାଶ ହେବ। ତେବେ ସମୟାନୁବର୍ତ୍ତିତା ରଖିବାକୁ ପଡିବ। ତେବେ ପାଠପଢ଼ାକୁ ଅବହେଳା କରିବ ନାହିଁ। କମ୍ପିଟେଟିଭ ଯୁଗରେ ଆଗକୁ ବଢ଼ିବାର ଅଛି ଓ ଜିତବାର ଅଛି। ବିରାଟ କୋଇଲି, ସଲମନ ଖାନ ଓ ସାରୁଖ୍ର ଖାନଙ୍କର ଉଦାହରଣ ଦେଇ କହିଲେ ବିଫଳତା ହିଁ ସଫଳତାର ଚାବିକାଠି। ଜିତବା ଯେତିକି ଗୁରୁତ୍ୱପୂର୍ଣ୍ଣ ନୁହେଁ ମିଶିବା ବା ଅଂଶିଦାର ହେବା ସେତିକି ଗୁରୁତ୍ୱପୂର୍ଣ୍ଣ। ବିଫଳତା କହିଁ ସଫଳତାର ଚାବିକାଠି।

- ପାଠପଢ଼ାର ଗୁରୁମନ୍ତ୍ର ଶିଖାଇଲେ ପାଣ୍ଡିଆନ
- ବିଫଳତା ହିଁ ସଫଳତାର ଚାବିକାଠି
- ପାଠ ସହ ଅନ୍ୟ କ୍ଷେତ୍ରରେ ଚାମ୍ପିୟନ ହେବା ଦରକାର
- ନୟାଗଡ଼ରେ ଜିଲାସ୍ତରୀୟ ନୂଆ ଓ ଉତ୍ସବ

ସଫଳତାର ଶୀର୍ଷରେ ପହଞ୍ଚିବା ପାଇଁ ଅଧ୍ୟବ୍ୟବସାୟ ଦରକାର। ଓଡ଼ିଶାର ସବୁ ସରକାରୀ ହାଇସ୍କୁଲ ରୂପାନ୍ତରିତ ହୋଇ ସାରିଛି। ୩ମାସ ମଧ୍ୟରେ ସବୁ କଲେଜ ଓ ସେକେଣ୍ଡାରୀ ସ୍କୁଲ ରୂପାନ୍ତରିତ ହୋଇଯିବ। ପ୍ରତିବର୍ଷ ୭୦ ହଜାର ସ୍କଲାର ସିପ ମୁଖ୍ୟମନ୍ତ୍ରୀ ରଖିଛନ୍ତି । ମେଡିକାଲ ପାଠ ପଢ଼ିବା ପାଇଁ ୧୧ଟି ମେଡିକାଲ କଲେଜ ଆରମ୍ଭ କରିଛନ୍ତି। ଡାକ୍ତର, ଇଞ୍ଜିନୟରିଂ ପାଠ ପଢ଼ିବା ପାଇଁ ସରକାରୀ ସ୍କୁଲରେ ପାଠପଢୁଥିବା ୧୫ ପ୍ରତିଶତ ସିଟ୍ ସଂରକ୍ଷିତ ରଖିଛନ୍ତି। ସ୍କିଲ ଦକ୍ଷତା କାର୍ଯ୍ୟକ୍ରମ କେବଳ ଓଡ଼ିଶାରେ ଆରମ୍ଭ ହୋଇଛି। ନିଯୁକ୍ତି ପ୍ରଦାନ ଲାଗି ଅନେକ ନାମି ଦାମୀ କମ୍ପାନୀ ଓଡ଼ିଶାକୁ ଆସୁଛନ୍ତି। ସବୁ ସହରାଞ୍ଚଳ ପରି ଗ୍ରାମାଞ୍ଚଳ ପିଲା ସୁବିଧା ପାଇବାକୁ ମୁଖ୍ୟମନ୍ତ୍ର ଶିକ୍ଷାକ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିଛନ୍ତି। ସ୍ମାର୍ଟ କ୍ଲାସ, ଇ ଲାଇବ୍ରେରୀ କରି ହାତ ପାହାନ୍ତାରେ ସବୁ ସୁବିଧା ଯୋଗାଇଛନ୍ତି। ଆତ୍ମ ବିଶ୍ୱାସ ବଢ଼ାଇବା ଓ ଭବିଷ୍ୟତ ଖୁସିମୟ କରିବାକୁ ମୁଖମନ୍ତ୍ରି ସଶକ୍ତ ଓଡ଼ିଶା, ନବୀନ ଓଡ଼ିଶା ଗଠନ କରିବାକୁ ଚାହୁଁଛନ୍ତି ବୋଲି କହିଥିଲେ। ମୁଖ୍ୟ ଅତିଥି ରୂପେ କ୍ରୀଡା ଓ ଯୁବ ବ୍ୟାପାର ଓ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗଦେଇ କହିଥିଲେ, ନୂଆ ଓ ଉତ୍ସବ କାର୍ଯ୍ୟକ୍ରମ ମୁଖ୍ୟମନ୍ତ୍ରୀଙ୍କର ଅଭିନବ ପରିକଳ୍ପନା। ଅନୁଷ୍ଠାନିକ ଶିକ୍ଷା କ୍ଷେତ୍ରରେ ଛାତ୍ରୀଛାତ୍ରମାନେ ସୀମତି ନ ରହି ଚରିତ୍ର, ବ୍ୟକ୍ତିତ୍ୱର ବିକାଶ କରାଇବା ଏବଂ ଶୃଙ୍ଖଳିତ କରିବାକୁ ମୁଖ୍ୟମନ୍ତ୍ରୀ ନୂଆ ଓ କାର୍ଯ୍ୟକ୍ରମ କରି ଛାତ୍ରୀଛାତ୍ରଙ୍କୁ ଯୋଡିଛନ୍ତି। ଦଶପଲ୍ଲା ବିଧାୟକ ରମେଶ ବେହେରା କହିଥିଲେ, ନୂଆ ଓ ଯାହାକି ଯୁବ ଓଡ଼ିଶା ନବୀନ ଓଡ଼ିଶା। ସମସ୍ତେ ସ୍ୱାଭିବାନ ଓଡ଼ିଆ ଭାବେ ବଞ୍ଚିବା ପାଇଁ ମୁଖ୍ୟମନ୍ତ୍ରୀ ନୂଆ ଓ କାର୍ଯ୍ୟକ୍ରମ କରୁଛନ୍ତି ବୋଲି କହିଥିଲେ। ଛାତ୍ରୀଛାତ୍ର ନୀତିବାନ ହେବା ପାଇଁ ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ ପରାମର୍ଶ ଦେଇଥିଲେ। ନୟାଗଡ଼ ବିଧାୟକ ଅରୁଣ ସାହୁ କହିଥିଲେ, ରାଜ୍ୟରେ ୫ଟି ଏକ ବିପ୍ଳବର ରୂପ ନେଇ ସାରିଛି। ୫ଟି ଅଧ୍ୟକ୍ଷ ଏହାର ନେତୃତ୍ୱ ନେଇ ଆଗେଇ ନେଉଛନ୍ତି। ନୂଆ କଥା ଶିଖିବା, ନୂଆ କାର୍ଯ୍ୟ କରିବା, ନୂଆ କଥା ଦେଖିବା ଆନୁଷ୍ଠାନିକ ଶିକ୍ଷାରେ ସୀମିତ ନ ରହି ନିଜର ଅର୍ନ୍ତଃନିହିତ ଶକ୍ତିକୁ ପରିସ୍ଫୁଟନ କରିବାକୁ ପିଲାଙ୍କୁ କହିଥିଲେ। ନୟାଗଡ଼ ଜିଲାପଳ ରବୀନ୍ଦ୍ର ନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଦୀଲିପ କୁମାର ବଳ, ଉପଜିଲାପାଳ ଶକ୍ତିକାନ୍ତ ରାୟ, ଡେପୁଟି କଲେକ୍ଟର ତପସ୍ୱିନୀ ହାଁସଦା ସାମିଲ ହୋଇଥିଲେ। ଜିଲାରୁ ପ୍ରାୟ ୧୨ହଜାର ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅକ୍ତିଆର କରିଥିବା ପ୍ରତିଯୋଗୀଙ୍କୁ ୨୦ହଜାର ଟଙ୍କା ସହ ମେମୋଣ୍ଟୋ ଓ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଓଡ଼ିଶାର ପ୍ରତିଷ୍ଠିତ କଳାକାରଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତର ଆସର ଲାଗି ରହିଥିଲା।

## ବିବେକାନନ୍ଦ ଜୟନ୍ତୀରେ ରକ୍ତଦାନ, ସ୍ୱାସ୍ଥ୍ୟ ପରାମର୍ଶ ଶିବିର



ଶୋଭାଯାତ୍ରାରେ ପିଲାମାନଙ୍କ ସହ ଅନ୍ୟମାନେ।

**ନୟାଗଡ଼,୧୨।୧(ଲୋକନାଥ ମିଶ୍ର)**

ନୟାଗଡ଼ ହାଉସିଂ ବୋର୍ଡ ନିକଟ ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ପରିସରରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ଶ୍ରୀଧର ସାହୁଙ୍କ ନେତୃତ୍ୱରେ ପାଳିତ ହୋଇଯାଇଛି। ଶୁକ୍ରବାର ପୂର୍ବାହ୍ନରେ ଖଣ୍ଡପଡ଼ାରୋଡସ୍ଥ ହନୁମାନ ମନ୍ଦିରଠାରୁ ଆୟୋଜିତ ଶୋଭାଯାତ୍ରାକୁ ନୟାଗଡ଼ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଶୋଭାଯାତ୍ରା ହନୁମାନ ମନ୍ଦିରଠାରୁ ଶ୍ରୀଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର, ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ନୟାଗଡ଼ ଜିଲା ଶାଖା, ଭାରତ ବିକାଶ ପରିଷଦ, ପୂଜ୍ୟପୂଜା କମିଟି, ରୋଟାରୀ କ୍ଲବ, ସିଭିଲ୍ ସୋସାଇଟି ଆଦି ଅନେକ ସାମାଜିକ ଅନୁଷ୍ଠାନ ଯୋଗଦେଇଥିଲେ। ସକାଳ ୧୦ଟାରେ ହାଉସିଂ ବୋର୍ଡ ନିକଟ ବିଦ୍ୟାଳୟର ନୂତନ ଭବନ ପରିସରରେ ଆୟୋଜିତ ରକ୍ତଦାନ ଓ ସ୍ୱାସ୍ଥ୍ୟ ପରାମର୍ଶ ଶିବିରକୁ ନୟାଗଡ଼ ପୌର ପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ ଉଦ୍‌ଘାଟନ କରିଥିଲେ।

ଅପରାହ୍ନରେ ବିଦ୍ୟାଳୟର ଉପଦେଷ୍ଟା ବିଦ୍ୟାଧର ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଧର୍ମ ଆଲୋଚନା ସଭାରେ ମୁଖ୍ୟଅତିଥି ଭାବେ ନୟାଗଡ଼ ଜିଲା ପରିଷଦ ଅଧ୍ୟକ୍ଷ ପଟ୍ଟନାୟକ ଯୋଗଦେଇ କହିଥିଲେ, ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶ ଜୀବନୀ ସମସ୍ତ ଯୁବ ସମାଜ ପାଇଁ ପ୍ରେରଣାର ଉତ୍ସ। ସମ୍ମାନିତ ଅତିଥି ଭାବେ ପୌର ପରିଷଦ ପୌରାଧ୍ୟକ୍ଷା ନିରୁପମା ଖଟେଇ, ଓଡ଼ିଶା ଶ୍ରୀରାମକୃଷ୍ଣ ବିବେକାନନ୍ଦ ଭାବ ପ୍ରଚାର ପରିଷଦର ରାଜ୍ୟ ଆବାହକ ସର୍ବେଶ୍ୱର ସାହୁ, ସାମାଜିକ କର୍ମୀ ଅନାଦି ଚରଣ ମହାନ୍ତି ଓ ଦାମୋଦର ସାହୁ ମଞ୍ଚାସୀନ ହୋଇ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶ ଜୀବନି ଗାଥାକୁ ଆଲୋଚନା କରିଥିଲେ। ଆୟୋଜିତ ରକ୍ତଦାନ ଶିବିରରେ ୧୮ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା ବେଳେ ସ୍ୱାସ୍ଥ୍ୟ ପରାମର୍ଶ ଶିବିରରେ ୧୫୨ଜଣ ରୋଗୀ ଚିକିତ୍ସା ପରାମର୍ଶ ପାଇଥିଲେ। ବିଦ୍ୟାଳୟ ପକ୍ଷରୁ ଆୟୋଜିତ କ୍ରୀଡା ଓ କୌତୁକ ପୋଷାକ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଉକ୍ତ ଧର୍ମସଭାରେ ପୁରସ୍କାର ପ୍ରଦାନ କରାଯିବା ସହିତ ଟିକାତାଳ ଶ୍ରୀରାମକୃଷ୍ଣ ସେବାଶ୍ରମର ସହ ସମ୍ପାଦକ ତଥା ବିବେକାନନ୍ଦ ଭାବ ପ୍ରଚାର ପରିଷଦର ରାଜ୍ୟ ଆବାହକ ଅଧ୍ୟାପକ ସର୍ବେଶ୍ୱର ସାହୁ ଓ ସାମାଜିକ କର୍ମୀ ଉମାକାନ୍ତ ମହାପାତ୍ରଙ୍କୁ ସମ୍ବର୍ଦ୍ଧନା ପତ୍ର ପ୍ରଦାନ କରାଯାଇଥିଲା। କେୟାର ହସ୍ପିଟାଲ ଭୁବନେଶ୍ୱର ଆନୁକୂଲ୍ୟରେ ଆୟୋଜିତ ସ୍ୱାସ୍ଥ୍ୟ ପରାମର୍ଶ ଶିବିରରେ ଯୋଗଦେଇଥିବା ମଧୁମେହ ରୋଗ ବିଶେଷଜ୍ଞ ଡା. ରାଜେଶ ପାଢୀ, ହୃଦରୋଗ ବିଶେଷଜ୍ଞ ଡା. ଦୀପକ କୁମାର ବେହେରା, ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ତପସ୍ୱିନୀ ସାହୁ, ସ୍ନାୟୁରୋଗ ବିଶେଷଜ୍ଞ ଡା. ଆତ୍ମ ରଞ୍ଜନ ଦାସଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ପ୍ରିୟମ୍ବଦା ଗୁରୁମା ଧନ୍ୟବାଦ ଦେଇଥିଲେ।

## ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ପରଲୋକ

**ନୟାଗଡ଼,୧୨।୧(ଲୋକନାଥ ମିଶ୍ର)**

ନୟାଗଡ଼ ସହର ମହିଳା ମହାବିଦ୍ୟାଳୟ ଲେନର ସୁନାମଧନ୍ୟ ରାଷ୍ଟ୍ରପତି ଓ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବାଳକୃଷ୍ଣ ମିଶ୍ର(୮୭)ଙ୍କ ହୃଦ୍‌ଘାତରେ ପରଲୋକ ହୋଇ ଯାଇଛି। ସେ ପ୍ରଥମେ ଗଞ୍ଜାମ ରାଇମଡ଼ା ସ୍କୁଲରେ ସହାକରୀ ଶିକ୍ଷକ ଭାବେ କାମ ଆରମ୍ଭ କରିଥିଲେ। ପରେ ବ୍ରଜେନ୍ଦ୍ର ହାଇସ୍କୁଲ ନୟାଗଡ଼ରେ ସହକାରୀ ଶିକ୍ଷକ ଭାବେ କାମ କରିଥିଲେ। କୋରାପୁଟ ଜିଲା ପଟାଙ୍ଗୀ ହାଇସ୍କୁଲରେ ସହକାରୀ ଶିକ୍ଷକରୁ ପଦୋନ୍ନତି ପାଇଥିଲେ। ସେ ଏମ୍‌ଆର୍‌ବି ହାଇସ୍କୁଲ ପାରଳାଖେମୁଣ୍ଡି, ବ୍ରଜେନ୍ଦ୍ର ହାଇସ୍କୁଲ ପ୍ରଧାନ ଶିକ୍ଷକ, ବିସି ହାଇସ୍କୁଲ ରଣପୁର, ଦାଶରଥି ହାଇସ୍କୁଲ ହାଇସ୍କୁଲ ଖୋର୍ଦ୍ଧା ଜିଲାର ଓଳସିଂହରେ କାମ କରି ନିଜକୁ ଶ୍ରେଷ୍ଠ ଶିକ୍ଷକ ଭାବେ ପ୍ରତିପାଦିତ କରିଥିଲେ। ଜେଡି ହାଇସ୍କୁଲ ବୌଦ୍ଧରେ ପ୍ରଧାନ ଶିକ୍ଷକ ଥିବାବେଳେ ୧୯୯୨ରେ ରାଜ୍ୟପାଳ ଓ ୧୯୯୪ରେ ରାଷ୍ଟ୍ରପ୍ରତି ପୁରସ୍କାର ପାଇଥିଲେ। ସେ କବିତା, ନାଟକ ଓ ଗୀତିନାଟ୍ୟ ରଚନା କରିଥିଲେ। ନାଟକ ମଧ୍ୟରେ କାଳର ବିଚାର, ବିବାଦ ଓ ବ୍ୟାଧିରାଜ ବନ୍ଧ ଲେଖା ଅତି ଚମତ୍କାର ଥିଲା। ପୁଣି ଦଶମ, ଯକ୍ତ ୨, ଯୁକ୍ତ ୩ ନୂତନ ଶିକ୍ଷାନୀତ ଉପରେ ନାଟକ ଲେଖି ଶିକ୍ଷାର ଅସୁବିଧା ଉପରେ ଦର୍ଶାଇଥିଲେ। ବିଜ୍ଞାନକୁ ଲୋକପ୍ରିୟ କରିବାରେ ସେ ଅନ୍ୟତମ ବିଦ୍ଧାଣୀ ଥିଲେ। ତାଙ୍କ ମୃତ୍ୟୁ ବେଳକୁ ଦୁଇ ପୁଅ ଚନ୍ଦ୍ର ବୀଜୟୀ ଓ ଶୂନ୍ୟଜୟୀ ଉପସ୍ଥିତ ଥିଲେ। ପୁରୀର ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଛି।

## ଝାଡ଼େଶ୍ୱରୀ ଦେବୀ ପୀଠରେ ହାତୀପଲ

**ଶରଣକୁଳ /ନୟାଗଡ଼,୧୨।୧ (ଲୋକନାଥ ମିଶ୍ର/ ଦୀପକ କର)**



ନୟାଗଡ଼ ବନଖଣ୍ଡ ପଞ୍ଚରିଡା ରେଞ୍ଜର ଶରଣକୁଳ କାର୍ଯ୍ୟାଳୟ ନିକଟସ୍ଥ ଝାଡେଶ୍ୱରୀ ଦେବୀ ପୀଠ ବନ୍ଧରେ ହାତୀପଲକୁ ଶୁକ୍ରବାର ସନ୍ଧ୍ୟାରେ ଦେଖିବାକୁ ମିଳିଛି। ହାତୀପଲରେ ଦନ୍ତାହାତୀ, ୨ ଛୋଟ ପିଲା ସମେତ ୧୩ଟି ହାତୀ ରହିଥିବା ପଞ୍ଚାରିଡା ବନପାଳ ସୁମନ୍ତ ପରିଡାଙ୍କ ସୂତ୍ରରୁ ଜଣାପଡିଛି। ଖାଦ୍ୟ ଅନ୍ୱେଷଣରେ ହାତୀପଲ ଶରଣକୁଳ ଜନବସତି ଅଞ୍ଚଳକୁ ଯିବା ପାଇଁ ଉଦ୍ୟମ କରୁଛନ୍ତି। ହେଲେ ଝାଡେଶ୍ୱରୀଠାରେ ଇକୋଟୁରିଜମ ପାର୍କର କାଣ୍ଟାବାଡ଼ ସେମାନଙ୍କ ଗତିପଥକୁ ଅବରୋଧ କରୁଛି। ଅନ୍ୟପକ୍ଷେ ଭଣ୍ଡାର ପାହାଡ଼ ଉପରକୁ ଯାଇ ପାରୁନାହାନ୍ତି। ହାତୀପଲ ଝାଡେଶ୍ୱରୀ ମନ୍ଦିର ଓ ଭଣ୍ଡାର ପାହାଡ଼ ପାଦ ଦେଶରେ ଘୂରି ବୁଲୁଛନ୍ତି। ବନ୍ଧ ନିକଟରେ ୩୩ କେଭି ବିଦ୍ୟୁତ ଲାଇନ ପାଖରେ ଥିବା ସବଷ୍ଟେଶନ ଯାଇ ଥିବାରୁ ହାତୀମାନେ ଏହା ସଂସ୍ପର୍ଶରେ ଆସିଯିବା ସମ୍ଭାବନା ଦୃଷ୍ଟିକୁ ରଖି ଶରଣକୁଳ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବନ୍ଦ କରାଯାଇଛି । ସେପଟେ ପଞ୍ଚରିଡ଼ା ବନ ବିଭାଗ ପକ୍ଷରୁ ବାଣ ଫୁଟାଇ ହାତୀଙ୍କୁ ଘଉଡ଼ାଇବାକୁ ଚେଷ୍ଟା ଜାରି ରହିଛି। ଶୁକ୍ରବାର ପୂର୍ବାହ୍ନରେ ହାତୀପଲ ହରିହରପୁର ପଞ୍ଚାୟତର ପଥରଗଡ ଢ଼ୁବୁରୀରେ ଥିଲେ। ପୂର୍ବରୁ ହାତୀପଲ ଫାସିପଲ୍ଲୀ ନୂଆଗାଁ ଜଙ୍ଗଲରେ ରହିଥିଲେ।

## ଦଶପଲ୍ଲା କପ୍ ଫୁଟବଲ୍, ବିହାର ବିଜୟୀ

**ଦଶପଲ୍ଲା, ୧୨।୧( ପ୍ରକାଶ କୁମାର ପାଣି)**

ସ୍ପୋର୍ଟିଭ ସ୍ପୋର୍ଟ୍ସ ସୋସାଇଟି ଆନୁକୂଲ୍ୟରେ ସ୍ଥାନୀୟ ଗାନ୍ଧୀ ମୈଦାନରେ ସର୍ବଭାରତୀୟ ଦଶପଲ୍ଲା କପ ଫୁଟ୍‌ବଲର ଶୁକ୍ରବାର ୩ୟ ଦିନ ପ୍ରତିଯୋଗିତାରେ ମା' କାମାକ୍ଷ୍ୟା ସ୍ପୋର୍ଟ୍ସ କ୍ଲବ ବିହାର ଏବଂ ପତକା କ୍ଲବ ଅନୁଗୋଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବିହାର ଦଳ ୧ଟି ଗୋଲ ଦେଇଥିଲା। ଅନୁଗୋଳ ଦଳ ଗୋଲ ପରିଶୋଧ କରି ପାରି ନ ଥିଲା। ୧/୦ ଗୋଲରେ ବିହାର ଦଳ ବିଜୟ ଲାଭ କରିଥିଲା। ଖେଳକୁ ରେଫରି ପ୍ରସନ୍ନ କୁମାର ନାୟକ, ଲାଇନ୍ସରେ ପ୍ରତାପ ମୁଦୁଲି ଓ ରବୀନ୍ଦ୍ରନାଥ ନାୟକ ସହଯୋଗ କରୁଥିଲେ। ଅତିଥି ଭାବେ ଦଶପଲ୍ଲା ବ୍ଲକର ଆକାଉଣ୍ଟ ଅଫିସର ମନୋଜ କୁମାର ବେଉରା ଯୋଗଦାନ କରିଥିଲେ।


ଫୁଟ୍‌ବଲ ଖେଳର ଏକ ଦୃଶ୍ୟ।

## ଶରଣକୁଳ ପଞ୍ଚାୟତରେ ଅର୍ପଣ ରଥ

**ଶରଣକୁଳ, ୧୨।୧ (ଦୀପକ କର)**

ଶରଣକୁଳ ପଞ୍ଚାୟତରେ ଅର୍ପଣ ରଥର ଶୁଭାରମ୍ଭ ହୋଇଅଛି। ଏହି ରଥ ପଂଚାୟତରେ ଦୁଇ ଦିନ ଧରି ପରିକ୍ରମା କରିବାର କାର୍ଯ୍ୟକ୍ରମ ରହିଛି। ବରଡିହି ଗ୍ରାମର ଗୋପୀନାଥ ମନ୍ଦିରରେ ଅର୍ପଣ ରଥର ପୂଜାର୍ଚ୍ଚନା ପରେ ପରିକ୍ରମାର ଆରମ୍ଭ ହୋଇଥିଲା। ଶରଣକୁଳ ଜିଲା ପରିଷଦ ସଭ୍ୟା ଚିନ୍ମୟୀ ଦାଶ, ସରପଞ୍ଚ ମିନାକ୍ଷୀ ପ୍ରସାଦ ସାହୁ ଓ ପଞ୍ଚାୟତର ଜନସାଧାରଣ ଉପସ୍ଥିତ ରହି ଏହି ରଥର ଶୁଭାରମ୍ଭ କରିଥିଲେ। ହରିବୋଲ, ହୁଳହୁଳି ଓ ସଂକୀର୍ତ୍ତନର ଅଧ୍ୟାତ୍ମିକ ପରିବେଶ ମଧ୍ୟରେ ଏହି ରଥ ବରଡିହି, କଟରାଝରି, ଜଗନ୍ନାଥପୁର, ନରେନ୍ଦ୍ରପୁର ପ୍ରଭୃତି ଗ୍ରାମ ଗୁଡିକରେ ପରିକ୍ରମା କରିବା ପରେ ଲଡୁବାବା ମନ୍ଦିର ଆଗରେ ପହଞ୍ଚି ଥିଲା।ଶ୍ରଦ୍ଧାଳୁ, ଭକ୍ତ, ଜଗନ୍ନାଥପ୍ରେମୀ ଓ ସାଧାରଣ ଜନତା ଅରୁଆ ଚାଉଳ, ଗୁଆ, ନଡ଼ିଆ ସହ ନଗଦ ଅର୍ଥ ଶ୍ରଦ୍ଧାର ସହ ଅର୍ପଣ କରିଥିଲେୟ ପରିକ୍ରମାରେ ଶରଣକୂଳ ଜନସାଧାରଣ ଓ ସଂକୀର୍ତନ ମଣ୍ଡଳୀ ଅଂଶଗ୍ରହଣ ପରେ ସାମୁହିକ ଭୋଜନରେ ସାମିଲ ହୋଇଥିଲେୟ ଏହି କାର୍ଯ୍ୟକ୍ରମକୁ ଶତ୍ରୁଘ୍ନ ରାଉତ, ମନୋରଞ୍ଜନ ମହାପାତ୍ର, ଖବରଦାତା ମାନସ ସାହୁ, ସରୋଜ ମହାପାତ୍ର, ଉମା ପ୍ରସାଦ ସାହୁ ପ୍ରଭୃତି ସହଯୋଗ କରିଥିଲେ।


ଅର୍ପଣ ରଥରେ ଗାଁରୁ ଚାଉଳ , ଗୁଆ ସଂଗ୍ରହ କରାଯାଉଛି।

## ଫାଇନାଲରେ ସାଇ ହାଲ୍, ସୁନାବେଢ଼ା

**ନୟାଗଡ଼ ସର୍ବ ଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ**

**ନୟାଗଡ଼, ୧୨।୧(ଲୋକନାଥ ମିଶ୍ର)**


ଅତିଥିଙ୍କ ଗହଣରେ ଖେଳାଳିମାନେ।

ସ୍ଥାନୀୟ ଖେଳ ପଡ଼ିଆରେ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ ନୟାଗଡ଼ କପର ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ ଶୁକ୍ରବାର ହୋଇଥିଲା। ସେମିଫାଇନାଲ ମ୍ୟାଚରେ ସାଇ ହାଲ ସୁନାବେଢ଼ା ୬-୫ ଟ୍ରାଇବ୍ରେକର ଗୋଲରେ ସେଣ୍ଟର ହାଇଦ୍ରାବାଦକୁ ପରାସ୍ତ କରିଛି। ପ୍ରଥମାର୍ଦ୍ଧ ଶେଷ ସୁଦ୍ଧା ଖେଳ ୧-୧ରେ ଅମିମାଂସିତ ଥିଲା। ପ୍ରଥମାର୍ଦ୍ଧ ଖେଳର ୧୭ ମିନିଟ୍‌ରେ ହାଇଦ୍ରାବାଦର ୨ନଂ. ଖେଳାଳି ରିଷୀ ଗୋଲ ସ୍କୋର କରି ଦଳକୁ ଅଗ୍ରଣୀ ରଖିଥିଲେ। ୨ୟ ପର୍ଯ୍ୟାୟ ଖେଳର ୬୫ ତମ ମିନିଟ୍‌ରେ ସାଇ ହାଲ ସୁନାବେଢ଼ାର ୧୮ ନଂ. ଖେଳାଳି ସଞ୍ଜିତ ଖୋଲା ଗୋଲ ସ୍କୋର କରି ଖେଳକୁ ସମାନ ସ୍ଥିତିକୁ ଆଣିଥିଲେ। ମ୍ୟାଚ ଡ୍ର ରହିବାରୁ ଟ୍ରାଇବ୍ରେକର କରାଯାଇଥିଲା। ଶୁକ୍ରବାର ଖେଳରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଯୋଗଦେଇଥଲେ। ସମ୍ମାନିତ ଅତିଥି ଭାବେ ନୟାଗଡ଼ ପୌରାଧ୍ୟକ୍ଷା ନିରୁପମା ଖଟ୍ଟେଇ, ରାଜ୍ୟ ୱାକଫ୍ ବୋର୍ଡର ଚେୟାରମ୍ୟାନ୍ ଶେଖ୍ ନିଜାମୁଦ୍ଦିନ, ଜଲା ଆଥଲେଟିକ୍ ଆସୋସିଏଶନର ସମ୍ପାଦକ ଅଶେଷ କୁମାର ଦାସ, ବସନ୍ତ କୁମାର ଆଚାର୍ଯ୍ୟ, ଜିଲା ବିଜେଡି ମାଇନରଟି ସେଲର ସଭାପତି ଏସ.କେ.ନଇନ୍, ନୟାଗଡ଼ ସର୍ବଭାରତୀୟ ଫୁଟବଲ କପର ସାଙ୍ଗଠନିକ ସମ୍ପାଦକ ହଜରତ ଅଲ୍ଲୀ, ସାମାଜିକ କର୍ମୀହାକିମ ଖାଁ, ନୟାଗଡ଼ ଖେଳ ପଡ଼ିଆର ସୁରକ୍ଷା କମିଟି ଯୁଗ୍ମ ସମ୍ପାଦକ ଏସ.କେ. ଇସାକ୍, ଆର.ସି.ଏନ.ଏସ୍‌ର ସଭାପତି ମାମୁନ୍ ରୌଫ୍, ରାଜୁ ଅଟୋ ମୋବାଇଲର ମାଲିକ ସଞ୍ଜିବ ସୁବୁଦ୍ଧି, ସାମାଜିକ କର୍ମୀ ସରିଫ୍ ଖାଁ, ନୟାଗଡ଼ ବ୍ଲକ ବିଜେଡି ସଭାପତି ଅଜିତ କୁମାର ସାହୁ ଓ ରୋଟାରୀ କ୍ଲବର ସଭାପତି ଆରିଫ୍ ଖାଁ ପ୍ରମୁଖ ଯୋଗ ଦେଇଥିଲେ। ରେଫରି ଶେଷଦେବ ବେହେରା ଖେଳ ପରିଚାଳନା କରିଥିଲେ। ଶଶିକାନ୍ତ ଦାସିଆ, ଦେବରାଜ ସ୍ୱାଇଁ, ରାଜୁ ମହାନ୍ତି ପ୍ରମୁଖ ଲାଇନ୍ସରେ ସହାୟତା କରିଥିଲେ। ମ୍ୟାଚ କମିଶନର ଭାବେ ଆଲୋକ ଦାସ ଖେଳ ପରିଚାଳନା କରିଥିଲେ। ଶେଖ୍ ଅବଦୁଲ ଖାଲିକ୍, ଆଶୁତୋଷ ମିଶ୍ର ଓ ରାମକୃଷ୍ଣ ରଥ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ଶନିବାର ନୟାଗଡ଼, ଦଶପଲା, ଖଣ୍ଡପଡ଼ା ଓ ରଣପୁର ଆଦି ୪ ବିଧାୟକଙ୍କ ୩ଟି ଦଳ ମଧ୍ୟରେ ମ୍ୟାଚ ହେବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

## ସମର୍ଥନ ଜଣାଇ ଜନସାଧାରଣଙ୍କ ବିକ୍ଷୋଭ
### ୫ମ ଦିନରେ ସରପଞ୍ଚ, ସମିତିସଭ୍ୟ ସଂଘର ଅନଶନ

ବାଲିଆପାଳ, ୧୨।୧(ଗୋପାଳ ଚନ୍ଦ୍ର ସାହୁ)

ବାଲିଆପାଳ ବ୍ଲକ ବିଡିଓ ବିନୋଦ ଚନ୍ଦ୍ର ପଣ୍ଡାଙ୍କ ବଦଳି ଦାବିରେ ସରପଞ୍ଚ ଓ ସମିତିସଭ୍ୟ ସଂଘର ଦ୍ୱିତୀୟ ପର୍ଯ୍ୟାୟ ଆମରଣ ଅନଶନ ଶୁକ୍ରବାର ୫ମ ଦିନରେ ପହଞ୍ଚିଛି। ଏହି ଅନଶନକୁ ସମର୍ଥନ ଜଣାଇ ବାଲିଆପାଳ ଅଞ୍ଚଳର ହଜାର ହଜାର ସଂଖ୍ୟାର ଜନସାଧାରଣ ବ୍ଲକ ସମ୍ମୁଖରେ ଉପସ୍ଥିତ ହୋଇ ଅନଶନକାରୀଙ୍କୁ ନୈତିକ ସମର୍ଥନ ଜଣାଇବା ସହିତ ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ମଧୁପୁରା ପଞ୍ଚାୟତର ପୂର୍ବତନ ସରପଞ୍ଚ ମୂରଲୀମୋହନ ସାହୁଙ୍କ ସଭାପତିତ୍ୱରେ ନୈତିକ ସମର୍ଥନ ସଭା ଅନୁଷ୍ଠିତ ହୋଇଥିଲା। ଉପସ୍ଥିତ ଜନସାଧାରଣ ଆମରଣ ଅନଶନରେ ବସିଥିବା ସରପଞ୍ଚ ଓ ସମିତିସଭ୍ୟ ସଂଘ ପାଇଁ ସେମାନଙ୍କର ପୂର୍ଣ୍ଣମାତ୍ରାରେ ସହଯୋଗ ରହିଛି ବୋଲି କହିଥିଲେ। ବାଲିଆପାଳ ବିଡ଼ିଓ ପଣ୍ଡାଙ୍କ ବଦଳି ଯେପର୍ଯ୍ୟନ୍ତ ହୋଇ ନ ଥିବ ସେପର୍ଯ୍ୟନ୍ତ ବାଲିଆପାଳ ଅଞ୍ଚଳବାସୀଙ୍କ ପକ୍ଷରୁ ଏମିତି ଲଢ଼େଇ ଜାରି ରହିବ ବୋଲି କହିଥିଲେ। ପୂର୍ବତନ ବାଲିଆପାଳ ବ୍ଲକ ଅଧ୍ୟକ୍ଷ ବିଜନ ନାୟକ, ଜଳେଶ୍ୱର ଅଞ୍ଚଳର ନେତା ସୁଦର୍ଶନ ଦାସ, ସମୁଦ୍ର ଉପକୂଳ ଭିଟାମାଟି ସୁରକ୍ଷା କମିଟିର ଆବାହକ ଅରୁଣ ଜେନା, ଏମ୍‌ପିଙ୍କ ପ୍ରତିନିଧି ମହେଶ୍ୱର ଜେନା, ଭାଜପା ଜିଲା ଓବିସି ମୋର୍ଚ୍ଚାର ସଭାପତି ଅରବିନ୍ଦ ବେହେରା, ସାମାଜିକ କର୍ମୀ ରବିନାରାୟଣ ମହାନ୍ତି, ଯୁବନେତା ତୀର୍ଥ ନାଗ ସାମିଲ ହୋଇଥିଲେ। ଶେଷରେ ଉପସ୍ଥିତ ଜନସାଧାରଣ ବିଡିଓ ପଣ୍ଡାଙ୍କ କୁଶପୁତ୍ତଳିକା ଦାହ କରିଥିଲେ।

# ହମ୍ପସ୍, ଡିଭାଇଡର ପାଲଟିଛି ମରଣଯନ୍ତା

ଯାଜପୁରରୋଡ୍, ୧୨।୧(ପବିତ୍ର ରଞ୍ଜନ ମହାନ୍ତି)

### ଯାଜପୁରରୋଡ ସିଭିଲ ସୋସାଇଟିର ଉଦ୍‌ବେଗ



ଚୋରଦା–କନ୍ହେଇପୁର ରାସ୍ତାରେ ହମ୍ପସ।

ବ୍ୟାସନଗରର ମୁଖ୍ୟ ରାସ୍ତାରେ ବେଆଇନ ହମ୍ପସ ଓ ଡିଭାଇଡର ମରଣଯନ୍ତା ପାଲଟିଛି। ଫଳରେ ପ୍ରତିଦିନ ଦୁର୍ଘଟଣା ଘଟି ମୂଲ୍ୟବାନ ଧନ ଓ ଜୀବନ ହାନି ଘଟୁଛି। ଚୋରଦା ଛକରୁ ଫାୟାର ଷ୍ଟେଶନ ଛକ ପର୍ଯ୍ୟନ୍ତ ରାସ୍ତାରେ ପୂର୍ତ୍ତ ବିଭାଗ ପକ୍ଷରୁ ବଡ଼ ହମ୍ପସ ନିର୍ମାଣ ହୋଇଥିବାରୁ ୨ ଦିନ ତଳେ ଦୁର୍ଘଟଣା ଘଟି ଜଣେ ଯୁବକ ମୃତ୍ୟୁବରଣ କରିଥିବାବେଳେ ଆଉ ଏକ ଦୁର୍ଘଟଣାରେ ଜଣେ କୋମାରେ ଅଛନ୍ତି। ଏପରିକି ଉକ୍ତ ରାସ୍ତାରେ ଦୈନନ୍ଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ସେହିପରି ବେଣାପୁର ଛକରୁ ଦଳାଛକ ପର୍ଯ୍ୟନ୍ତ ରାସ୍ତା ନବୀକରଣରେ ପୂର୍ତ୍ତବିଭାଗ ମନମୁଖୀ ଭାବେ ଡିଭାଇଡର ନିର୍ମାଣ କରିବା ଦ୍ୱାରା ପ୍ରତିଦିନ ଦୁର୍ଘଟଣା ଘଟୁଛି। ରାସ୍ତା ପ୍ରଶସ୍ତ ନ ଥିବାରୁ କିଛି ଦିନ ପୂର୍ବେ ସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ ଯାଉଥିବା ଏକ ବସ୍ ଡିଭାଇଡରରେ ଚଢ଼ିଯାଇଥିଲା। ଭାଗ୍ୟବଶତଃ ଏକ ବଡ଼ଦୁର୍ଘଟଣାରୁ ବସଟି ବର୍ତ୍ତି ଯାଇଥିଲା। ଏନେଇ ବହୁବାର ପୂର୍ତ୍ତ ବିଭାଗର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ। ବିଭାଗର ଖାମ ଖିଆଲି ମନୋଭାବ ଯୋଗୁ ମୂଲ୍ୟବାନ ଧନଜୀବନ ହାନି ହେଉଛି, ଯାହାକୁନେଇ ଯାଜପୁର ରୋଡ୍ ସିଭିଲ ସୋସାଇଟି ଉଦ୍‌ବେଗ ପ୍ରକାଶ କରିଛି। ଏନେଇ ଆବାହକ ବିବେକାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ କୋରେଇ ସଂଗ୍ରାମ ସମିତି ସଭାପତି ବିଦ୍ୟାଧର ମହାନ୍ତି, ୯ ନଂ. ୱାର୍ଡ କାଉନସିଲର ମନିନ୍ଦ୍ର ସାହୁ, ଦୁର୍ଗାମନ୍ଦିର କମିଟି ସମ୍ପାଦକ ନିରାକାର ସାହୁ, ନାରାୟଣ ଚନ୍ଦ୍ର ବଳ, ଆଇନଜୀବୀ ଦିଲୀପ ମଲ୍ଲିକ, ସୁଶାନ୍ତ ପାଢ଼ୀ ଓ ଅକ୍ଷୟ କୁମାର ଦେଓ ପ୍ରମୁଖ ଯୋଗଦେଇ ତୁରନ୍ତ ହମ୍ପସ୍ ହଟାଇବାକୁ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି। ଏହା ନ ହେଲେ ସେମାନେ ଆଗାମୀ ଦିନରେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ଟାଟା ଷ୍ଟିଲ ମେଡିକା ହସ୍ପିଟାଲରେ ହିପ୍ ରିପ୍ଲେସମେଣ୍ଟ



କଳିଙ୍ଗନଗର, ୧୨।୧(ଶୁଭାଶିଷ ରାଉତ)

ଟାଟା ଷ୍ଟିଲ୍ ମେଡିକା ହସ୍ପିଟାଲରେ ଜୀବନ ପ୍ରତି ବିପଦ ଥିବା ଜଣେ ରୋଗୀଙ୍କ ହିପ୍ ରିପ୍ଲେସମେଣ୍ଟ ଅସ୍ତ୍ରୋପଚାର ସଫଳତାର ସହ ସମ୍ପନ୍ନ ହୋଇଛି। ସେ ହେଲେ ରମେଶ ପ୍ରଧାନ(ରୋଗୀ ଛଦ୍ମନାମ)। ପ୍ରବଳ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଡାକ୍ତରଖାନା ଅଣାଯାଇଥିଲା। ପୂର୍ବରୁ ଜଙ୍ଘ ହାଡ ଫ୍ରାକ୍ଟର୍ ପାଇଁ ଚିକିତ୍ସିତ ହେଇଥିବା ରମେଶ ଅସ୍ତ୍ରୋପଚାର ପରେ ବାରମ୍ବାର ହିପ ଯନ୍ତ୍ରଣାର ସମ୍ମୁଖୀନ ହୋଇଥିଲେ। ଡାକ୍ତର ଦେବାଶିଷ ପରିଜାଙ୍କ ନେତୃତ୍ୱରେ ଡାକ୍ତରଖାନାର ଜରୁରୀକାଳୀନ ଟିମ ଏକ ସମୀକ୍ଷା କରିବା ପରେ ଇମ୍ପ୍ଲାଣ୍ଟ ହଟାଇବା ଏବଂ ସମ୍ପୂର୍ଣ୍ଣ ହିପ ରିପ୍ଲେସମେଣ୍ଟକୁ ନେଇ ଦୁଇ ପର୍ଯ୍ୟାୟ ଯୋଜନା କାର୍ଯ୍ୟକାରୀ କରିଥିଲେ। ଅସ୍ତ୍ରୋପଚାର ପରେ ସେ ଅଙ୍ଗର ଲମ୍ବ ଫେରିବା ସହ ଯନ୍ତ୍ରଣାମୁକ୍ତ ଏବଂ ସ୍ଥିର ଅନୁଭବ କରିଛନ୍ତି।

# ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ବରୀ, ୧୨।୧(ମହେନ୍ଦ୍ର ସ୍ୱାଇଁ)

### ଅଭିମନ୍ୟୁ ସାମନ୍ତସିଂହାର ଡିଗ୍ରୀ କଲେଜ

ବରୀ ବ୍ଲକ୍ ଅଧୀନ ଅଭିମନ୍ୟୁ ସାମନ୍ତସିଂହାର ଡିଗ୍ରୀ କଲେଜରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ସୁଧୀର କୁମାର ରାଉତଙ୍କ ସଭାପତିତ୍ୱରେ ବରୀ ଅଞ୍ଚଳର ସାମାଜିକ କର୍ମୀ ବିଶ୍ୱରଞ୍ଜନ ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ।

ବୌଦ୍ଧ ଗବେଷକ ଡ. ହରିଶ୍ଚନ୍ଦ୍ର ପ୍ରୁଷ୍ଟି ମୁଖ୍ୟବକ୍ତା ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ଜନାଭିମୁଖ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ବରୀ ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶୋକ କୁମାର ଗେଡ଼ି, ଜିଲା ପରିଷଦ ସଦସ୍ୟ ସନ୍ତୋଷ ସାମଲ, ୨୩ନଂ. ଜୋନ୍ ଜିଲା ପରିଷଦ ସଦସ୍ୟାଙ୍କ ପ୍ରତିନିଧି ବୁଲୁ ଯାଦବ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଅଧ୍ୟାପକ ରବୀନ୍ଦ୍ର ଦାସ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ନୋଡାଲ ଅଫିସର ଅଧ୍ୟାପକ ପ୍ରଭାକର ଜେନା କାର୍ଯ୍ୟକ୍ରମର ବିବରଣୀ ପାଠ କରିଥିଲେ।

କାର୍ଯ୍ୟକ୍ରମକୁ ୧୫ ଦିନଧରି ସୁଚାରୁ ରୂପେ ସମ୍ପାଦିତ କରିଥିବା ନୋଡାଲ ଅଫିସର ଅଧ୍ୟାପକ ପ୍ରଭାକର ଜେନା, ସଂଯୋଜକ ଅଧ୍ୟାପକ ଦାମୋଦର ସାହୁ, କ୍ରୀଡ଼ା ସଂଯୋଜକ ଅଧ୍ୟାପିକା ଅନାମିକା ମିଶ୍ର, ଅଧ୍ୟାପକ ହିମାଂଶୁ ପ୍ରଧାନ, ସାମାଜିକ କାର୍ଯ୍ୟକ୍ରମ ସଂଯୋଜକ ଅଧ୍ୟାପିକା ସୁଧାଂଶୁ ବାଳା ସ୍ୱାଇଁ, ଅଧ୍ୟାପକ ବିଦ୍ୟାଧର ଧଳ, ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜକ ଅଧ୍ୟାପକ ରବୀନ୍ଦ୍ର କୁମାର ଦାସ ଓ ଅଧ୍ୟାପିକା ଶ୍ରୁଶ୍ରୀ ସଂଗୀତା ଜେନାଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ।

କାର୍ଯ୍ୟକ୍ରମକୁ ଅନୁଷ୍ଠାନର ପୁରାତନ ଛାତ୍ର ଶରତ ଜେନା ସଞ୍ଚାଳନ କରିଥିବାବେଳେ ତାଙ୍କୁ ମୁଖ୍ୟଅତିଥି ସାରସ୍ୱତ ସ୍ୱାଭିମାନ ସମ୍ମାନ–୨୦୨୪ରେ ସମ୍ମାନିତ କରିଥିଲେ। ଛାତ୍ରୀଛାତ୍ରମାନେ ସ୍ୱାଗତ ସଂଗୀତ, ସ୍ୱାଗତ ନୃତ୍ୟ ଆଦି ପରିବେଷଣ କରି ଅତିଥିଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଆୟୋଜିତ କ୍ରୀଡ଼ା ଓ ସାମାଜିକ ସଚେତନତା ଆଦି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସଂଯୋଜକ ଅଧ୍ୟାପକ ଦାମୋଦର ସାହୁ ଧନ୍ୟବାଦ ଦେଇଥିଲେ।

## ପାଲଟପୁରରେ ବୁଲିଲା ଅର୍ପଣ ରଥ

ଝୁମ୍ପୁରୀ, ୧୨।୧(ସରୋଜ ନାୟକ)

ଦଶରଥପୁର ବ୍ଲକ୍ ପାଲଟପୁର ପଞ୍ଚାୟତରେ ଅର୍ପଣ ରଥ ପରିକ୍ରମା ଆରମ୍ଭ ହୋଇଛି। ୪ ଦିନ ବ୍ୟାପୀ ଏହି ରଥ ପଞ୍ଚାୟତର ବିଭିନ୍ନ ଗାଁ, ଘରେ ଘରେ ପହଞ୍ଚିବ। ପ୍ରତ୍ୟେକ ଘରୁ ଅରୁଆ ଚାଉଳ ଓ ଗୁଆ ସଂଗୃହୀତ କରାଯିବା ପାଇଁ ଲୋକମାନଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ ହେବାପାଇଁ ଆହ୍ୱାନ ଦିଆଯାଇଛି। ପଞ୍ଚାୟତ ପକ୍ଷରୁ ଏକ ସୁସଜ୍ଜିତ ଗାଡ଼ିରେ ଜଗନ୍ନାଥଙ୍କ ରଥକୁ ସଜାଇ ପାଲଟପୁରସ୍ଥ କଣ୍ଟିବାଙ୍କ ବଳଦେବଜୀଉ ମଠଠାରୁ ଆରମ୍ଭ କରାଯାଇଥିଲା। ସରପଞ୍ଚ ଲିପିକା ମଲ୍ଲିକ, କନିଷ୍ଠ ଯନ୍ତ୍ରୀ ଚିତ୍ତରଞ୍ଜନ ଶତପଥୀ, ପିଇଓ ବିରଜା ମିଶ୍ର, ଜିଆରଏସ୍ ଅଶୋକ ଜେନା ପ୍ରମୁଖ ଉପସ୍ଥିତ ରହି ଏହି ପରିକ୍ରମା ରଥକୁ ଶୁଭାରମ୍ଭ କରାଇଥିଲେ। କୀର୍ତ୍ତନମଣ୍ଡଳୀଙ୍କ ଭଜନର ତାଳେ ତାଳେ ମହିଳା ଓ ପୁରୁଷମାନେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମ ସଂକୀର୍ତ୍ତନ କରି ନିଜକୁ ହଜାଇ ଦେଇଥିଲେ। ଏହି ରଥ କଣ୍ଟିବାଙ୍କ, ବିନ୍ଧା ନନ୍ଦିପୁର, ଷାଠିବାଟୀ, ଧୋବାକୋଇଲି ପ୍ରଭୃତି ଗ୍ରାମରେ ପରିକ୍ରମା କରିଥିଲା। ମହିଳାମାନେ ଘର ଆଗରେ ଝୋଟି, ଚିତା ପକାଇ ରଥକୁ ସ୍ୱାଗତ କରିବା ସହ ଗୁଆ, ନଡ଼ିଆ ଓ ଅରୁଆ ଚାଉଳ ପ୍ରଦାନ କରି ଶଙ୍ଖ ହୁଳହୁଳିରେ ଗାଁ ଦାଣ୍ଡକୁ ପ୍ରକମ୍ପିତ କରିଦେଇଥିଲେ।

## ଯାଜପୁରରେ ଖୋଲିଲା ଆପୋଲୋ କ୍ଲିନିକ୍




ଯାଜପୁର ଟାଉନ, ୧୨।୧
(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି)

ଯାଜପୁର ସହରର କିଆନାଳିକୂଳଠାରେ ଆପୋଲୋ କ୍ଲିନିକ୍ ଖୋଲିଛି। ଯାଜପୁରର ବରିଷ୍ଠ ବିଜେଡି ନେତା କର୍ଣ୍ଣାଟକେଶରୀ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି ଅତ୍ୟାଧୁନିକ କ୍ଲିନିକ୍‌ରେ ଡିଜିଟାଲ୍ ଏକ୍ସରେ, ଅଲଟ୍ରାସାଉଣ୍ଡ, ଦନ୍ତ ଚିକିତ୍ସା, ଚର୍ମରୋଗ ଆଦି ଚିକିତ୍ସା କରାଯିବ। ସମ୍ପୂର୍ଣ୍ଣ ଅଟୋମେଟିକ୍ ମେଶିନ୍ ଦ୍ୱାରା ରକ୍ତ ପରୀକ୍ଷା କରାଯିବ ବୋଲି ଯୁବ ବ୍ୟବସାୟୀ ଧରଣୀଧର ସାହୁ ପ୍ରକାଶ କରିଛନ୍ତି। କ୍ଲିନିକ୍ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ରେଡିଓଲୋଜିଷ୍ଟ ଡା. ବିଶ୍ୱଜିତ୍ ବିଶ୍ୱରଞ୍ଜନ ସାହୁ, ସ୍ନାୟୁରୋଗ ବିଶେଷଜ୍ଞ ଡା. ବିନୟ ଜୟସ୍ୱାଲ୍, ଡା. କାର୍ତ୍ତିକ ଚନ୍ଦ୍ର ରାଉତ, ଡା. ଲଲାଟେନ୍ଦୁ ଦାସ, ଡା. କ୍ଷୀରୋଦ ଚନ୍ଦ୍ର ମହାନ୍ତି, ଡା. ଅନୁସୟା ଜେନା, ଡା. ହେମନ୍ତ ମହାରଣା, ବରୁଣେଶ୍ୱର ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ବଟକୃଷ୍ଣ ମହାପାତ୍ର, ଯାଜପୁର ବ୍ଲକ୍ ଅଧ୍ୟକ୍ଷା ସ୍ୱର୍ଣ୍ଣଲତା ପରିଡ଼ା, ଯାଜପୁର ପୌରପାଳିକାର କାଉନସିଲର ହେମାଙ୍ଗିନୀ ମହାନ୍ତି, ମାନଗୋବିନ୍ଦ ପତି, ସୁରେନ୍ଦ୍ର ରଣା, ସରିତା ଖୁଣ୍ଟିଆ, ତିଲୋତମା ରାୟ, ମିନାକ୍ଷୀ ନନ୍ଦ ଓ ରୀନାବାଳା ସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଯାଜପୁର ମୁଖ୍ୟ ଚିକିତ୍ସାଧିକାରୀ ଡା. ଶିବାଶିଷ ମହାରଣା ଯୋଗଦେଇ ଯାଜପୁରରେ ଏଭଳି କ୍ଲିନିକ୍‌ର ଆବଶ୍ୟକତା ଥିଲା ବୋଲି ପ୍ରକାଶ କରିଥିଲେ।

## ଦୁର୍ଘଟଣାଗ୍ରସ୍ତ ଗାଡ଼ିରୁ ଛେଳି ବୋହିନେଲେ

ବୈଶିଙ୍ଗା, ୧୨।୧(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅନ୍ତର୍ଗତ ପଦ୍ମନାଭପୁର ଟୋଲ୍‌ଗେଟ ନିକଟରେ ଗୁରୁବାର ରାତିରେ ପଶ୍ଚିମବଙ୍ଗରୁ ୪୫ଟି ଛେଳି ବୋଝେଇ କରି ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏକ ପିକ୍‌ଅପ୍ ଭ୍ୟାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣାଗ୍ରସ୍ତ ଗାଡ଼ିରୁ ସ୍ଥାନୀୟ ଲୋକେ ଛେଳି ସବୁ ନେଇ ଯାଇଥିଲେ। ଅନ୍ୟ ପକ୍ଷରେ କିଛି ସହୃଦୟ ବ୍ୟକ୍ତି ଆମ୍ବୁଲାନ୍ସ ଯୋଗେ ଆହତଙ୍କୁ ବୈଶିଙ୍ଗା ଡାକ୍ତରଖାନା ନେଇଯାଇଥିଲେ। ଖବରପାଇ ବୈଶିଙ୍ଗା ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲା। ସୂଚନା ଅନୁଯାୟୀ, ଭ୍ୟାନଟି ଭାରସାମ୍ୟ ହରାଇ ଡିଭାଇଡର ଉପରେ ଚଢ଼ି ଯାଇଥିଲା ଏବଂ ଅପରପାର୍ଶ୍ୱ ରାସ୍ତାରେ କଟକରୁ ଜାମସେଦପୁର ଅଭିମୁଖେ ଯାଉଥିବା ଏକ କଣ୍ଟେନରକୁ ଧକ୍କା ଦେଇଥିଲା। ପରେ ଉଭୟ ପିକଅପ ଓ କଣ୍ଟେନର ୧୮ନଂ. ଜାତୀୟ ରାଜପଥ ଉପରେ ଓଲଟି ପଡିଥିଲା। ଫଳରେ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଦୁର୍ଘଟଣାରେ ପିକଅପ ଟିର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଥିବା ବେଳେ ଚାଳକ ଭୁବନେଶ୍ୱର ଅଞ୍ଚଳର ସୁଲତାନ ମହମ୍ମଦ ଓ ୨ ସୋହଯୋଗୀ ଆହତ ହୋଇଥିଲେ । କଣ୍ଟେନର ଚାଳକ ଦିଲ୍ଲୀ ଅଞ୍ଚଳର ଦୀପକ ଶର୍ମା ମଧ୍ୟ ଆହତ ହୋଇଥିଲେ। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

# ବିରଜା ଅଗ୍ନେଶ୍ୱର ହାଟ ସ୍ଥାନାନ୍ତରକୁ ବିରୋଧ

ଯାଜପୁର ଟାଉନ, ୧୨।୧
(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି)


ହାଟସ୍ଥାନାନ୍ତରକୁ ଚାଷୀ ଓ ବ୍ୟବସାୟୀ ବିରୋଧ କରୁଛନ୍ତି।

ଯାଜପୁର ଆର୍‌ଏମ୍‌ସି ଦ୍ୱାରା ପରିଚାଳିତ ବିରଜା ଅଗ୍ନେଶ୍ୱର ହାଟକୁ ଆସନ୍ତା ୧୯ ତାରିଖ ସୁଦ୍ଧା ସ୍ଥାନାନ୍ତର କରାଯିବା ପାଇଁ ପ୍ରସ୍ତାବ ରହିଛି। ଏକଥା ଜଣାପଡ଼ିବା ପରେ ବିରୋଧର ସ୍ୱର ଉଠିଛି।
ମୌଳିକ ସମସ୍ୟାକୁ ସମାଧାନ ନ କରି ହାଟକୁ ସ୍ଥାନାନ୍ତର କରାଗଲେ ଚାଷୀ, ବେପାରୀ ଓ ଖାଉଟିଙ୍କ ପାଇଁ ବହୁ ସୃଷ୍ଟି ହେବ। ଏହି ହାଟ ୧୦୦ ବର୍ଷରୁ ଊର୍ଦ୍ଧ୍ୱ ହେବ ସୁଚାରୁରୂପେ ପରିଚାଳିତ ହୋଇଆସୁଛି। ଏଥିରେ ଅନେକ ସଂଖ୍ୟକ ଚାଷୀ, ଯାଜପୁର ଜିଲାର ବିଭିନ୍ନ ବ୍ଲକ୍‌ରୁ କୃଷିଯାତ ପଦାର୍ଥକୁ ବିକ୍ରୟ ନିମନ୍ତେ ଆସିଥାନ୍ତି। ପଡ଼ୋଶୀ ଜିଲାରୁ ଖାଉଟି ଓ ବେପାରୀ ଆସିଥାନ୍ତି। ହାଟର ଉନ୍ନତୀକରଣ ନିମନ୍ତେ ଆରଏମସି ୨୦୨୩ ଅଗଷ୍ଟ ୨୫ରେ ୩ ଏକର ୧୪୧ ଡିସିମିଲ୍ ଜମିକୁ ଅଧିଗ୍ରହଣ କରି ନିଜ ଅଧିନକୁ ନେଇ ମହାଶୁଲ ଆଦାୟ କରିଆସୁଛି। ମାତ୍ର ଏହି ହାଟକୁ ସ୍ଥାନାନ୍ତରିତ କରିବା ପାଇଁ କୌଣସି ବ୍ୟବସାୟୀ, ଚାଷୀ, ବୁଦ୍ଧିଜୀବି କିମ୍ବା ବଣିକ ସଂଘମାନଙ୍କ ସହ ଆଲୋଚନା କରାଯାଇନାହିଁ। ହାଟଟି ଯେଉଁ ସ୍ଥାନକୁ ସ୍ଥାନାନ୍ତର ପାଇଁ ସ୍ଥିର କରାଯାଇଛି ସେଠାରେ ମୌଳିକ ସୁବିଧା ଯଥା– କୃଷିଜାତ ଦ୍ରବ୍ୟ ନେବାଆଣିବା ପାଇଁ ରାସ୍ତାର ସୁବିଧା, ଗାଡି ରଖିବା ପାଇଁ ପାର୍କିଂ ଆଦି ବ୍ୟବସ୍ଥା ନ ଥିବାରୁ ଚାଷୀ ସେମାନଙ୍କ କୃଷିଜାତ ପଦାର୍ଥ ବିକ୍ରି କରିବାରେ ସମସ୍ୟାର ସମ୍ମୁଖୀନ ହେବେ। କୃଷିଜାତ ପଦାର୍ଥ ବହୁ ନଷ୍ଟ ହେବ। ଏପରିକି ଚାଷୀ ଓ ବ୍ୟବସାୟୀଙ୍କ ପରିବାର ପ୍ରତିପୋଷଣରେ ବାଧା ସୃଷ୍ଟି ହେବ ବୋଲି ବିରଜା ଅଗ୍ନେଶ୍ୱର ଚାଷୀ ଓ ବ୍ୟବସାୟୀମାନେ ଶୁକ୍ରବାର ଅତିରିକ୍ତ ଜିଲାପାଳଙ୍କୁ ଭେଟି ଏ ସମ୍ପର୍କରେ ଜଣାଇଛନ୍ତି। ଏଥିସହିତ ସ୍ଥାନାନ୍ତର ବନ୍ଦ କରିବାକୁ ଏକ ଦାବିପତ୍ର ମାଧ୍ୟମରେ ଅନୁରୋଧ କରିଛନ୍ତି।

## ପଞ୍ଚାୟତ ହାଇସ୍କୁଲରେ ଏନ୍‌ସିସିର ବାର୍ଷିକୋତ୍ସବ

ରସୁଲପୁର, ୧୨।୧(ରଞ୍ଜିତ ରାଉତ)

ରସୁଲପୁର ବ୍ଲକ ଅନ୍ତର୍ଗତ ବଡ଼କଇଞ୍ଛି ପଞ୍ଚାୟତସ୍ଥିତ ପଞ୍ଚାୟତ ହାଇସ୍କୁଲରେ ଏନସିସିର ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। କୋରେଇ ବିଧାୟକ ଅଶୋକ କୁମାର ବଳ ଯୋଗଦେଇ ବାର୍ଷିକୋତ୍ସବକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ସୁବାସୀ ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବରେ ବ୍ଲକ ଶିକ୍ଷାଧିକାରୀ ନୀଳାମ୍ବର ମିଶ୍ର, ସମ୍ମାନିତ ଅତିଥି ଯାଜପୁର ଜିଲା ଓଷ୍ଟାର ସଭାପତି ସୁନନ୍ଦ କୁମାର ରାଉତ, ସମ୍ପାଦକ ଅମୂଲ୍ୟ ଦାସ, ସ୍ଥାନୀୟ ସରପଞ୍ଚ ଅଶୋକ ମଲିକ, ସମିତିସଭ୍ୟ ସୌମ୍ୟରଂଜନ ରାଉତ, ଅଜୟ ପଣ୍ଡା, ପ୍ରଦୀପ ସାମଲ, ସିଆରସିସି ପ୍ରମୋଦ ବାରିକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅନିଲ ଦ୍ୱିବେଦୀ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ସଫଳତା କାମନା କରିଥିଲେ। ଅତିଥିମାନଙ୍କ ଦ୍ୱାରା ଏନସିସି ପତାକା ଉତ୍ତୋଳନରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସନ୍ଧ୍ୟାରେ ବିଦ୍ୟାଳୟ ସାଂସ୍କୃତିକ ମଞ୍ଚରେ ବିଦ୍ୟାର୍ଥୀମାନଙ୍କ ଦ୍ୱାରା ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ କର୍ମଚାରୀମାନେ ପରିଚାଳନା କରିବାରେ ସହଯୋଗ କରିଥିଲେ। ଏନସିସି ଶିକ୍ଷକ ପ୍ରଭାତ ଚନ୍ଦ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କ୍ରୀଡା ଶିକ୍ଷକ ସୂର୍ଯ୍ୟ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ଧର୍ମଶାଳା ମହାବିଦ୍ୟାଳୟରେ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଧର୍ମଶାଳା, ୧୨।୧(ବଟକୃଷ୍ଣ ପରିଡ଼ା)


ଶିବିରକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ମିଳିତ ଆନୁକୂଲ୍ୟରେ ଜାରକାସ୍ଥିତ ଧର୍ମଶାଳା ମହାବିଦ୍ୟାଳୟ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଏହାକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ଅସ୍ଥିଶଲ୍ୟ ବିଭାଗରେ ୧୫୭, ଚକ୍ଷୁରୋଗୀ ୨୮, ମୁକ ଓ ବଧିର ୨୮, ମାନସିକ ରୋଗୀ ୪୫ ଓ ଭେଷଜ ରୋଗୀ ୧୦ଜଣ ମୋଟ୍ ୨୬୮ ଜଣ ପଞ୍ଜୀକୃତ କରିଥିଲେ। ୨୪୦ ଜଣଙ୍କୁ ଭିନ୍ନକ୍ଷମ ଭାବେ ଚିହ୍ନଟ କରାଯାଇଥିଲା। ୪ଜଣଙ୍କୁ ଟ୍ରାଇସାଇକେଲ, ୭ଜଣଙ୍କୁ ମୋଟରାଇଜ ଟ୍ରାଇସାଇକେଲ, ୧୨ ଜଣଙ୍କୁ ହୁଇଲ ଚେୟାର, ୮ଜଣଙ୍କୁ କ୍ରଚେସ , ୨ ଜଣଙ୍କୁ ବସ ପାସ, ୨ଜଣଙ୍କୁ ଡ୍ରାଇଲେନ ଓ ୩ଜଣଙ୍କୁ ପେନସନ ଯୋଗାଇ ଦେବାକୁ ବ୍ୟବସ୍ଥା କରାଯାଇଥିଲା।

ଡା. ପ୍ରଭାସ ରଞ୍ଜନ ପଣ୍ଡା, ଡା. ବିଦ୍ୟା ମହାରଣା, ଡା. ନାରାୟଣ ସାହୁ, ଡା. ଅଭିନାସ ପାଳ, ଡା. ଚାନ୍ଦିନୀ ବେଗମ, ଡା. ସନ୍ତୋଷ ପାଠକ,ଡା. ରଶ୍ମିକାନ୍ତ ଶତପଥୀ, ଡା. ସ୍ନେହାଶିଷ ଦୀକ୍ଷିତ ଓ ଡା. ରାଜଲକ୍ଷ୍ମୀ ସ୍ୱାଇଁ ପ୍ରମୁଖ ରୋଗୀ ପରୀକ୍ଷା କରିଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ରବୀନ୍ଦ୍ରନାଥ ବେହେରା, ଅତିରିକ୍ତ ବିଡିଓ ଅଶିତ କୁମାର ପାତ୍ର, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଜ୍ଞାନରଞ୍ଜନ ବେହେରା, ବରିଷ୍ଠ ରାଜସ୍ୱ ଅଧିକାରୀ ଅଭିଜିତ ସାହୁ, ଜୁନିଅର ଆସିଷ୍ଟାଣ୍ଟ ରାଜଲକ୍ଷ୍ମୀ ମହାପାତ୍ର, ପିଏ ତାପସ କୁମାର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଗାଁ ବୁଲିଲେ ଅନ୍ତର୍ଜାତୀୟ ହସ୍ତକଳା ପ୍ରତିନିଧିଦଳ

ରସୁଲପୁର, ୧୨।୧(ରଂଜିତ ରାଉତ)

ରସୁଲପୁର ବ୍ଲକର ଟସରବସ୍ତ୍ର ପାଇଁ ପ୍ରସିଦ୍ଧିଲାଭ କରିଥିବା ଗୋପାଳପୁର ଗାଁରେ ଅନ୍ତର୍ଜାତୀୟ ହସ୍ତକଳା ପ୍ରତିନିଧିଦଳର ୫ଜଣିଆ ସଦସ୍ୟ ପହଞ୍ଚି ଟସରବସ୍ତ୍ର ପ୍ରସ୍ତୁତି ପ୍ରଣାଳୀ, କାରୁକାର୍ଯ୍ୟ, ଗୁଣବତ୍ତା, ବଜାର ଚାହିଦା ଆଦି ବୁଲି ଦେଖିଛନ୍ତି। ସେମାନେ ହସ୍ତକଳାକୁ ଲୋକାଭିମୁଖି କରିବା, ଉତ୍ପାଦିତ ଦ୍ରବ୍ୟର ରୋଜଗାରର ଉତ୍ସ, ସାମଗ୍ରୀକୁ ବଜାରରେ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱ ଦେବା ସହ ବୁଣାକାରମାନଙ୍କ କଳାକୃତିକୁ ନିରୀକ୍ଷଣ କରି ପ୍ରଶଂସା କରିଛନ୍ତି। ଫେରିବା ବେଳେ ବୁଣାକାରମାନଙ୍କ ହାତ ତିଆରି ଟସର ଓ ଏରି ସଲିକ୍ ବସ୍ତ୍ର କଣି ନେଇଛନ୍ତି।

ଯାଜପୁର ଜିଲାର ବ୍ୟାସନଗର ପୌରାଞ୍ଚଳସ୍ଥିତ ଯଯାତି ହୋଟେଲରେ ଅନ୍ତର୍ଜାତୀୟ ହସ୍ତକଳା ସମିଟ୍–୨୦୨୪ରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏହି ସମ୍ମିଳନୀ ପୂର୍ବରୁ ପ୍ରତିନିଧି ଦଳ ଜିଲାର ବିଭିନ୍ନ ସ୍ଥାନରେ ଥିବା ହସ୍ତକଳା କେନ୍ଦ୍ର ପରିଦର୍ଶନ କରିଛନ୍ତି। ଆମେରିକା, ଅଷ୍ଟ୍ରେଲିଆ, ବ୍ରାଜିଲ ଓ ସୁଇଜରଲ୍ୟାଣ୍ଡରୁ ପ୍ରତିନିଧିମଣ୍ଡଳିରେ ଯୋଗଦେଇଥିବା ଆଇଜାକ୍ କୋର୍ଡେରୋ, ଜୁଧିଥ୍ ଭାନ ଦେର ମେରୱି, ଆଇରିସ୍ ଡେଲରୁବି, ମିଷ୍ଟର ଜିୟୁସ୍‌ପି, ଭାରତର ପ୍ରତିନିଧି ପାୟଲ ନାଥ ପ୍ରମୁଖ ଗୋପାଳପୁରରେ ପହଞ୍ଚି ମା'ତାରିଣୀ ବୁଣାକାର ସମବାୟ ସମିତିର କର୍ମଶାଳାକୁ ବୁଲି ଦେଖିଥିଲେ। ବୁଣାକାରମାନଙ୍କଠାରୁ ବୁଣାବୁଣି ସଂପର୍କରେ ଆଲୋଚନା କରିବା ସହ ବୁଣିବା ପ୍ରକ୍ରିୟା, ଉତ୍ପାଦିତ ଦ୍ରବ୍ୟ ଆଦି ସଂପର୍କରେ ଜ୍ଞାନ ଆହରଣ କରିଥିଲେ। ଗୋପାଳପୁରର ଟସରବସ୍ତ୍ର ପ୍ରତିନିଧି ଦଳଙ୍କୁ ଆକର୍ଷିତ କରିଥିଲା। ସମିତିରେ ସ୍ଥାପିତ କ୍ୟାଲେଣ୍ଡରିଂ ମେଶିନକୁ ଦେଖି ଆକୃଷ୍ଟ ହୋଇଥିଲେ। ମେଶିନର କାର୍ଯ୍ୟକାରିତା ସଂପର୍କରେ ସମିତିର ସତ୍ତ୍ୱାଧିକାରୀ ଅଶୋକ ଗୁଇଁ, ସଭାନେତ୍ରୀ ରେବତି ଗୁଇଁ, ବୁଣାକାର ନେତା ରମେଶ ଦାସ ପ୍ରମୁଖଙ୍କ ସହ ଆଲୋଚନା କରିଥିଲେ। କଟକ ବୟନମଣ୍ଡଳର ଉପନିର୍ଦ୍ଦେଶକ ଆଶୁତୋଷ ମହାନ୍ତି, ଜିଲା ହସ୍ତକଳା ବିଭାଗ ଅତିରିକ୍ତ ନିର୍ଦ୍ଦେଶକ ପ୍ରକାଶ ଚନ୍ଦ୍ର ମହାନ୍ତି ପ୍ରମୁଖ ପ୍ରତିନିଧିମଣ୍ଡଳି ସହ ବୁଲି ବିଭିନ୍ନ ହସ୍ତକଳା ସାମଗ୍ରୀକୁ ଦେଖାଇଥିଲେ।



ଗୋପାଳପୁର ଗାଁରେ ଅନ୍ତର୍ଜାତୀୟ ହସ୍ତକଳା ପ୍ରତିନିଧିଦଳ।

## ସଂକ୍ଷେପରେ

### ରାଜନଗରରେ ବୁଲିଲା ଶିକ୍ଷା ସଚେତନତା ରଥ

ରାଜନଗର, ୧୨।୧ (ଭାସ୍କର ରାଉତରାୟ)

ରାଜନଗର ବ୍ଲକରେ ଶିକ୍ଷା ସଚେତନତା ରଥ ଶୁକ୍ରବାର ପରିକ୍ରମା କରିଛି। ଶିକ୍ଷା ବିଷୟରେ ପିଲାମାନଙ୍କୁ ସଚେତନ କରିବା, ଡ୍ରପଆଉଟ ସଂଖ୍ୟା କମାଇବା ଓ ଅଭିଭାବକ ଓ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯିବ। ଛାତ୍ରୀଛାତ୍ରମାନେ ଯେପରି ପ୍ରତିଦିନ ବିଦ୍ୟାଳୟକୁ ଆସିବେ ସେ ନେଇ ଏହି ସଚେତନତା ରଥ ପରିକ୍ରମା କରୁଛି। ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ଏହି ସଚେତନତା ରଥ ବାହାରି ଥିଲା। ବିଇଓ ମନୋରଞ୍ଜନ ସେଠୀ, ଏବିଇଓ ଭକ୍ତିଲତା ବାରିକ, ବିଜୟ କୁମାର ପରିଡା, ଶଶିଭୂଷଣ ବିଶ୍ୱାଳ, ବିଆରଟି ହେମନ୍ତ କୁମାର ମଲ୍ଲିକ, ରାଜନଗର ଶୈଳେନ୍ଦ୍ର ନାରାୟଣ ନୋଡାଲ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ସେଠୀ ପ୍ରମୁଖ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହି ରଥ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ନିକଟରୁ ବାହାରି ବାରଗାଁ ମାଟିଆମଙ୍ଗଳା ଏନ୍‌ୟୁପିଏସ କ୍ଲଷ୍ଟର, ପଞ୍ଚୁବରାହୀ ବିଦ୍ୟାନିକେତନ କ୍ଲଷ୍ଟର, ଅଷ୍ଟଶମ୍ଭୁ ଏନ୍‌ୟୁପିଏସ୍ କ୍ଲଷ୍ଟର, ସରକାରୀ ଏସ୍‌ଏନ୍‌ୟୁପି କ୍ଲଷ୍ଟର ଅଞ୍ଚଳରେ ପରିକ୍ରମା କରିଛି।

### ବାଘମାରୀ ବିବେକାନନ୍ଦ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ରାଜନଗର, ୧୨।୧ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ବାଘମାରୀସ୍ଥିତ ବିବେକାନନ୍ଦ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଶୁକ୍ରବାର ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାଦଲ କୁମାର ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ ସମାଜସେବା, କ୍ରୀଡା ଓ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନୀୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ବାଘମାରୀ ସରପଞ୍ଚ ଭାବନୀ ପାତ୍ର, ଡେରା ସରପଞ୍ଚ ନିରଞ୍ଜନ ରାଉତ, ବାଘମାରୀ ସମିତିସଭ୍ୟ ମନୋରଞ୍ଜନ ମଣ୍ଡଳ, ମୁଖ୍ୟବକ୍ତା ଭାବେ ନାଗାନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ପ୍ରତାପ କୁମାର ଧଳ ଯୋଗଦେଇଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସତ୍ୟ ରଞ୍ଜନ ଦାସ ଅତିଥି ପରିଚୟ, ସହକାରୀ ଶିକ୍ଷକ ମାନସ କୁମାର ଧଳ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ନାରାୟଣ ଜେନା ଧନ୍ୟବାଦ ଦେଇଥିଲେ।

### ଓଲାଭର ମହାବିଦ୍ୟାଳୟରେ ୬୧ ୟୁନିଟ୍ ରକ୍ତ ସଂଗୃହୀତ

ରାଜକନିକା, ୧୨।୧ (ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ ଓଲାଭର ମହାବିଦ୍ୟାଳୟରେ ଜାତୀୟ ଯୁବ ଦିବସ ଅବସରରେ ନୂଆ ଓ, ଯୁବ ରେଡ୍‌କ୍ରସ୍ ଓ ଜାତୀୟ ସେବା ସଂସ୍ଥା ମିଳିତ ଆନୁକୂଲ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ହଳଧର ବେହେରା ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରର ସଫଳ ରୂପାୟନରେ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ, ଅଣଶିକ୍ଷକ କର୍ମଚାରୀମାନେ ସହଯୋଗ କରିଥିଲେ। କେନ୍ଦ୍ରାପଡା ଜିଲା ରକ୍ତଭଣ୍ଡାର ପକ୍ଷରୁ ୬୧ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଏହାକୁ ମହାବିଦ୍ୟାଳୟର ନୂଆ-ଓ ତଥା ଯୁବ ରେଡ୍‌କ୍ରସ୍‌ର ସଂଯୋଜକ ପ୍ରତାପ କୁମାର ବିଶ୍ୱାଳ, ବସନ୍ତ କୁମାର ସେଠୀ ପରିଚାଳନା କରିଥିଲେ।

# ବାର୍‌ହାକୁ ପୀଡ଼କ ପ୍ରାଣୀ ଭାବେ ଘୋଷଣା ହେଉ

କେନ୍ଦ୍ରାପଡ଼ା, ୧୨।୧ (ଜଗନ୍ନାଥ ଧଳ)

ଫସଲ, ମଣିଷ ଓ ସମ୍ପତ୍ତି ନଷ୍ଟ କରୁଥିବା ବନ୍ୟଜନ୍ତୁଙ୍କୁ ପୀଡ଼କ (ଭର୍ମିନ) ପ୍ରାଣୀ ଭାବେ ଘୋଷଣା ହୋଇପାରିବ। ଏଥିପାଇଁ ବନ୍ୟଜନ୍ତୁ ସଂରକ୍ଷଣ ଆଇନ ୧୯୭୨ର ଧାରା ୬୨ରେ ରାଜ୍ୟ ସରକାର କେନ୍ଦ୍ରକୁ ଚିଠି ଲେଖିପାରିବେ। ବନ୍ୟପ୍ରାଣୀ ସିଡୁଲ ୧ ଓ ୨ରେ ଥିବା ଏହି ଜୀବକୁ ନିର୍ଦ୍ଦିଷ୍ଟ ସମୟ ସୀମାରେ କଂସେଇଖାନାରେ ମରାଯାଇପାରିବ। ଥରେ ଏହି ଜୀବ ସଂରକ୍ଷଣ କଟକଣାମୁକ୍ତ ହେଲେ ଅବାଧରେ ଶିକାର ହୋଇପାରିବେ। ବାର୍‌ହା ପରି ଉପଦ୍ରବୀ ପ୍ରାଣୀ ପାଇଁ ଏପରି ବ୍ୟବସ୍ଥା ଲାଗୁ କରିବାକୁ ଜାତୀୟ ଉଦ୍ୟାନ ଭିତରକନିକା ମଧ୍ୟରେ ରହୁଥିବା ଗ୍ରାମବାସୀ ଦାବି କରୁଛନ୍ତି। ଜଙ୍ଗଲୀ ବାର୍‌ହା ସ୍ଥାନୀୟ ଅଞ୍ଚଳର ଫସଲ ସହ ଧନଜୀବନ ନଷ୍ଟ କରୁଥିବା ଅଭିଯୋଗ କରିଛନ୍ତି। ଅପରପକ୍ଷରେ ଏହାକୁ ପରିବେଶବିତମାନେ ବିରୋଧ କରିଛନ୍ତି।

ଏ ସମ୍ପର୍କରେ ମହାକାଳପଡ଼ାର ତପନ କୁମାର ମଣ୍ଡଳ କହିଛନ୍ତି, ସ୍ଥାନୀୟ ଅଞ୍ଚଳର ଫସଲକୁ ଜଙ୍ଗଲୀ ବାର୍‌ହା ନଷ୍ଟ କରୁଛନ୍ତି। ଫଳରେ ଧାର କରଜ କରି ଚାଷ କରୁଥିଲେ ମଧ୍ୟ ଋଣ ସୁଝି ହେଉନାହିଁ। ଗ୍ରାମ ନିକଟ ଜଙ୍ଗଲ ଶେଷ ମୁଣ୍ଡରେ ତାର ଜାଲି ନ ଥିବାରୁ ଏହି ହିଂସ୍ରଜୀବ ଚାଷ କ୍ଷେତକୁ ପଶି ଆସି ଫସଲ ନଷ୍ଟ ସହ ନିକଟରେ ଥିବା ମଣିଷକୁ ଆକ୍ରମଣ କରୁଛନ୍ତି। ଫଳରେ ଫସଲ ନଷ୍ଟ ସହ ମଣିଷର ମୃତ୍ୟୁ ହେଉଛି। କେତେଜଣ ବ୍ୟକ୍ତି ଏହି ଆକ୍ରମଣରେ ଶିକାର ହୋଇ ବିକଳାଙ୍ଗ ଜୀବନଯାପନ କରୁଛନ୍ତି। ବାର୍‌ହା ଉପଦ୍ରବରୁ ବଞ୍ଚିବା ପାଇଁ ଏମାନଙ୍କ ସଂଖ୍ୟା ହ୍ରାସ ଆବଶ୍ୟକ। ସଂରକ୍ଷଣ ଆଇନକୁ ସ୍ଥାନୀୟ ଅଞ୍ଚଳର ସୁଲଭ ଜୀବନଯାତ୍ରା ପାଇଁ କୋହଳ କରିବାକୁ ରାଜ୍ୟ ସରକାର ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି।



ରାଜନଗରର ସୁରେଶ କୁମାର ସରକାର କହିଛନ୍ତି, ଭିତରକନିକା ଅଞ୍ଚଳରେ ବାର୍‌ହା ଉପଦ୍ରବ ବଢ଼ିଯାଇଛି। ଏହି ଅଞ୍ଚଳରେ ୨୦୦୦ରୁ କମ ବାର୍‌ହା ଥିବା ରାଜନଗର ବନ୍ୟପ୍ରାଣୀ ଡିଭିଜନ ଦର୍ଶାଉଥିଲେ ମଧ୍ୟ ଏହାଠାରୁ ବହୁଗୁଣରେ ଅଧିକ ଅଛନ୍ତି। ଗତ ୨ ବର୍ଷରେ ସ୍ଥାନୀୟ ଅଞ୍ଚଳର ୨ ଜଣଙ୍କର ମୃତ୍ୟୁ ସହ ୫୦ରୁ ଅଧିକ ବାର୍‌ହା ଆକ୍ରମଣରେ ଶିକାର ହେଲେଣି। ଈଶ୍ୱରପୁର ଗ୍ରାମର ୫ ଜଣ ବ୍ୟକ୍ତି ବାର୍‌ହା ଆକ୍ରମଣରେ ଶିକାର ହୋଇଥିଲେ। ସେମାନେ ଏବେ ବିକଳାଙ୍ଗ ଅବସ୍ଥାରେ ଅଛନ୍ତି। ବର୍ଷସାରା ବାର୍‌ହା ମଣିଷକୁ ଆକ୍ରମଣ କରୁଥିବାରୁ ଏଠାରେ ଜନଜୀବନ ସୁରକ୍ଷିତ ନୁହେଁ। ୨୦୧୬ ମସିହାରେ ବିହାର ଓ ଉତ୍ତରାଖଣ୍ଡ ରାଜ୍ୟରେ ବାର୍‌ହାକୁ ଭର୍ମିନ ଘୋଷଣା

- ନଷ୍ଟ କରୁଛନ୍ତି ଫସଲ, ଆକ୍ରମଣର ଶିକାର ମଣିଷ
- ବିହାର, ଉତ୍ତରାଖଣ୍ଡରେ ଘୋଷଣା ହୋଇଛି

କରାଯାଇଛି। ଫଳରେ ସେହି ରାଜ୍ୟରେ ଏମାନଙ୍କ ଉପଦ୍ରବ କମିଯାଇଛି। ଅପରପକ୍ଷରେ ବାର୍‌ହାକୁ ଭର୍ମିନ ଆଖ୍ୟା ଦେବାକୁ ପରିବେଶବିତ୍ ଅଧ୍ୟାପକ କ୍ଷୀତିଶ କୁମାର ସିଂହ ଓ ଡାଙ୍ଗମାଳର ଶ୍ରୀକାନ୍ତ ଦାସ ବିରୋଧ କରିଛନ୍ତି। ସେମାନେ କହିଛନ୍ତି, ସ୍ଥାନୀୟ ଅଞ୍ଚଳରେ ବାର୍‌ହାଙ୍କ ଅପେକ୍ଷା ଶିକାରୀଙ୍କ ଉପଦ୍ରବ ବଢ଼ିଯାଇଛି। ଦୁଇବର୍ଷ ମଧ୍ୟରେ ୪୦ରୁ ଊର୍ଦ୍ଧ୍ୱ ବନ୍ୟଜନ୍ତୁ ଶିକାରୀଙ୍କୁ ବନ ବିଭାଗ ଧରିଛି। ଏହି ଶିକାରରେ ହରିଣ, ବନ୍ୟ ପଶୁପକ୍ଷୀ, ସାମୁଦ୍ରିକ ଜୀବ ମଧ୍ୟ ବାଦ ପଡୁନାହାନ୍ତି। ଜାତୀୟ ଉଦ୍ୟାନ ମଧ୍ୟରେ ବାଘ, ଭାଲୁ, ହାତୀ ନାହାନ୍ତି। ଏକମାତ୍ର ବାର୍‌ହାକୁ ହିଂସ୍ରପ୍ରାଣୀ ଭାବେ ଗଣାଯାଉଛି। ଏମାନଙ୍କ ଡରରେ ଜଙ୍ଗଲ ଜମି ଜବରଦଖଲରୁ କିଛିମାତ୍ରାରେ ବଞ୍ଚିଯାଇଛି। ଭର୍ମିନ ଘୋଷଣା ପରେ ଜଙ୍ଗଲରେ ଶିକାର ସହ ଗଛ ନଷ୍ଟ ହେବ ବୋଲି ସେମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ରାଜନଗର ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବଙ୍କୁ ପଚାରିବାରେ ସଂରକ୍ଷିତ ଜନ୍ତୁଙ୍କ ଆକ୍ରମଣରୁ ରକ୍ଷା ପାଇଁ ବିଭିନ୍ନ ସତର୍କତା ପଦକ୍ଷେପ ଗ୍ରହଣ କରାଯାଇଛି। ଗ୍ରାମ ନିକଟରେ ତାର ଜାଲି ସହ ବନ କର୍ମଚାରୀ ପାଟ୍ରୋଲିଂ କରୁଛନ୍ତି। ଏହାସତ୍ତ୍ୱେ ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତିବିଶେଷଙ୍କୁ ସରକାରୀ ଧାର୍ଯ୍ୟ ମୁତାବକ କ୍ଷତିପୂରଣ ଦିଆଯାଉଛି। ଏମାନଙ୍କଠାରୁ ଦୂରେଇ ରହିବା ପାଇଁ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି। ତେବେ କେତେକ କ୍ଷେତ୍ରରେ ବନ୍ୟଜନ୍ତୁଙ୍କୁ ମାରିଦେବା ପରି ଘଟଣା ଦେଖିବାକୁ ମିଳୁଛି।

# ଭିନ୍ନକ୍ଷମ ସମାଜର ମୁଖ୍ୟସ୍ରୋତରେ ସାମିଲ ପାଇଁ ଆହ୍ୱାନ

ଡେରାବିଶ, ୧୨।୧ (ବେବର୍ତ୍ତା ଅଜୟ ଦାସ)

## ଡେରାବିଶ ବ୍ଲକରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ଡେରାବିଶ ବ୍ଲକ କାର୍ଯ୍ୟାଳୟରେ ଶୁକ୍ରବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ୨୦୨୪ ଅନୁଷ୍ଠିତ ହୋଇଯାଇଛି। ଶିବିରକୁ କେନ୍ଦ୍ରାପଡ଼ା ଜିଲାପରିଷଦ ସଭାପତି ଗୀତାଞ୍ଜଳି ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବିଡିଓ ଦାଶରଥି ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନ ଉତ୍ସବରେ ମୁଖ୍ୟବକ୍ତା ଭାବେ ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ଅଗ୍ରୱାଲ ଯୋଗଦେଇ ସମାଜରେ ଭିନ୍ନକ୍ଷମଙ୍କୁ ସାମର୍ଥ ଯୋଗାଇବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ ପଦକ୍ଷେପ ନେଇଛନ୍ତି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତି ମଲିକ ଯୋଗଦେଇ ଭିନ୍ନକ୍ଷମିଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ଅତିଥି ଭାବେ କେନ୍ଦ୍ରାପଡ଼ା ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ରୂପାଲି ପ୍ରିୟଦର୍ଶିନୀ ଓ ସିଡ଼ିପିଓ ସ୍ନେହଲତା ସାହୁ ଯୋଗ ଦେଇଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଚୌଧୁରୀ ଦୀପକ କୁମାର ସାମର୍ଥ୍ୟ ଶିବିର ବିଷୟରେ ସୂଚନା ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କାର୍ଯ୍ୟକ୍ରମ ସହକାରୀ ମନସ୍ୱିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ସମୁଦାୟ ୨୧୫ଜଣ ଭିନ୍ନକ୍ଷମ ବ୍ୟକ୍ତି ସେମାନଙ୍କ ନାମ ପଞ୍ଜୀକୃତ କରିଥିଲେ। ଏଥିରେ ମାନସିକ ଅନଗ୍ରସର ବିଭାଗରେ ୩୭ ଜଣ, ଅସ୍ଥିଶଲ୍ୟ ବିଭାଗରେ ୧୨୩ ଜଣ, ଚକ୍ଷୁ ବିଭାଗରେ ୩୧ଜଣ ଓ ଶ୍ରବଣ ବାଧିତ ବିଭାଗରେ ୨୪ଜଣ ବ୍ୟକ୍ତିଙ୍କୁ ଶିବିରରେ ଉପସ୍ଥିତ ଡାକ୍ତରମାନେ ସେମାନଙ୍କର ପରୀକ୍ଷା କରିଥିଲେ। ତେବେ ସରକାରଙ୍କ ଯୋଜନା ଅନୁଯାୟୀ, ଯେଉଁ ଭିନ୍ନକ୍ଷମ ଗରିବ ବ୍ୟକ୍ତିଙ୍କର ବାସଗୃହ ନାହିଁ, ରାଶନ କାର୍ଡ଼ରୁ ବଞ୍ଚିତ, ବସ୍ ପାସ୍, ଡିଆର୍‌ଆଇ ଲୋନ୍‌ରୁ ବଞ୍ଚିତ ବ୍ୟକ୍ତିଙ୍କ ମଧ୍ୟରୁ ବ୍ଲକ ଅଧୀନ ୨୬ଟି ପଞ୍ଚାୟତରୁ ଆସିଥିବା ଭିନ୍ନକ୍ଷମଙ୍କ ମଧ୍ୟରୁ ୪୩ଜଣ ଭିନ୍ନକ୍ଷମଙ୍କୁ ବାସଗୃହ ଯୋଜନାରେ, ୧୪ଜଣଙ୍କୁ ରାଶନ କାର୍ଡ଼, ୬୬ ଜଣଙ୍କୁ ବସ୍ ପାସ୍ ଓ ୧୯ ଜଣ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ କ୍ଷୁଦ୍ର ବ୍ୟବସାୟ ପାଇଁ ବିଭିନ୍ନ ବ୍ୟାଙ୍କରୁ ଋଣ ଯୋଗାଇ ଦେବା ପାଇଁ ମନୋନିତ କରାଯାଇଛି। ଏଥିରେ ଏବିଡିଓ ଭଞ୍ଜକିଶୋର ନାୟକଙ୍କ ସମେତ ବିଭିନ୍ନ ବିଭାଗର ସମ୍ପ୍ରସାରଣ ଅଧିକାରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଶରତ ମହାନ୍ତି, ଅନିଲ କୁମାର ସେଠୀ, ଅଖତର ଅଲ୍ଲୀ ଓ କେଶବ ଚରଣ ପାତ୍ର ପରିଚାଳନା କରିଥିଲେ।

## ସ୍ୱାମୀ ବିବେକାନନ୍ଦ ଜୟନ୍ତୀ, ଯୁବ ଦିବସ ପାଳିତ

ରାଜନଗର, ୧୨।୧ (ଭାସ୍କର ରାଉତରାୟ)

ରାଜନଗରସ୍ଥିତ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଓ ଜାତୀୟ ଯୁବ ଦିବସ ଛାତ୍ରୀଛାତ୍ରଙ୍କ ଦ୍ୱାରା ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବିକ୍ରମାଦିତ୍ୟ ଦାସ ଆୟୋଜିତ ଉତ୍ସବକୁ ଉଦ୍‌ଘାଟନ କରିବା ସହ ସ୍ୱାମୀ ବିବେକାନନ୍ଦଙ୍କ ଜୀବନି ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ପତ୍ରକାର ଭାସ୍କର ରାଉତରାୟ ଯୋଗଦେଇ ହିନ୍ଦୁ ସଂସ୍କୃତିକୁ ପ୍ରଚାର ପ୍ରସାର କ୍ଷେତ୍ରରେ ସ୍ୱାମୀଜୀଙ୍କ ତ୍ୟାଗ ଓ ସମର୍ପଣ ଦିଗ ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଅଧ୍ୟାପିକା ତନୁଶ୍ରୀ ମିଶ୍ର, ଡ. ଘନଶ୍ୟାମ ମିଶ୍ର, ପ୍ରଧାନ ଆଚାର୍ଯ୍ୟ ସଚିନ୍ଦ୍ର ପରିଡା, ଅଧ୍ୟାପକ ନିହାର ରଞ୍ଜନ ପରିଡା, ଅଧ୍ୟାପିକା ମୌସୁମୀ ମିଶ୍ର, ଶିକ୍ଷକ ଜ୍ଞାନେନ୍ଦ୍ର ମିଶ୍ର, ସୁରମା ନନ୍ଦ, ଅଭିରାମ ଦାସ, ଅରୁଣ କୁମାର ରାଉତ, ଦୟାନିଧି ସାହୁ ପ୍ରମୁଖ ଯୋଗଦେଇଥିଲେ।

## କେନ୍ଦ୍ରାପଡ଼ା ସାନ୍ଧ୍ୟ ମହାବିଦ୍ୟାଳୟରେ ଜାତୀୟ ଯୁବ ଦିବସ



ମହାବିଦ୍ୟାଳୟରେ ଜାତୀୟ ଯୁବ ଦିବସରେ ଉପସ୍ଥିତ ଅତିଥିମାନେ।

ଡେରାବିଶ, ୧୨।୧ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଗୁଆଳସିଂ ପଞ୍ଚାୟତ ଅନ୍ତର୍ଗତ କେନ୍ଦ୍ରାପଡ଼ା ସାନ୍ଧ୍ୟ ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। କେନ୍ଦ୍ରାପଡ଼ା ନେହେରୁ ଯୁବକେନ୍ଦ୍ର, ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଓ ଯୁବ ରେଡ଼କ୍ରସ ମିଳିତ ସହଯୋଗରେ ଆୟୋଜିତ ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଆଦ୍ୟାରଶ୍ମି ମହାପାତ୍ର ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ା ନେହେରୁ ଯୁବକେନ୍ଦ୍ରର ଜିଲା ଅଧିକାରୀ ଗୋଲି ତିରୁପତି ରେଡ୍ଡି, ମୁଖ୍ୟବକ୍ତା ଭାବେ କେନ୍ଦ୍ରାପଡ଼ା ସାନ୍ଧ୍ୟ ସ୍ନାତକ ମହାବିଦ୍ୟାଳୟର ପୂର୍ବତନ ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପକ ଶିଶିରକାନ୍ତ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଯୁବ ରେଡ଼କ୍ରସର କାଉସେଲର ପ୍ରଭାତ ବେହେରା ଯୋଗଦେଇ ବିବେକାନନ୍ଦଙ୍କ ଜୀବନୀ ଓ ଆଦର୍ଶ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ନେହେରୁ ଯୁବ କେନ୍ଦ୍ରର କର୍ମକର୍ତ୍ତା ଲକ୍ଷ୍ମୀକାନ୍ତ ଜେନା ମଞ୍ଚ ସଂଯୋଜନା କରିଥିବା ବେଳେ ଜାତୀୟ ସେବା ଯୋଜନା ଅଧିକାରୀ ମୃତ୍ୟୁଞ୍ଜୟ ମହାନ୍ତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ଯୁବ ରେଡ଼କ୍ରସର କାଉନ୍‌ସେଲର ଅଧ୍ୟାପକ ପ୍ରଶାନ୍ତ ବେହେରା ଧନ୍ୟବାଦ ଦେଇଥିଲେ। ଏଥିରେ ସ୍ୱେଚ୍ଛାସେବୀ ଶ୍ରୀଧର ଦାସ, କ୍ଷିରାବ୍ଧି ତନୟା ମଲିକ, ଶୁଭଶ୍ରୀ କର, ସୁଜିତ କୁମାର ରାଉତ, ବିକାଶ ମଲିକ, ମିରା ମୌସୁମୀ ଜେନା, ହରପ୍ରିୟା ଦାସ, ରାଜଲକ୍ଷ୍ମୀ ସ୍ୱାଇଁ, ପ୍ରଭାତ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ଗାଁରୁ ଗାଁକୁ ଗଡୁଛି ଅର୍ପଣ ରଥ

ପାଟକୁରା/ ଆଳି, ୧୨।୧ (ରବୀନ୍ଦ୍ର ନାଥ ବାରିକ/ ବନମାଳୀ ସେନାପତି)

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଆସନ୍ତା ୧୭ ତାରିଖରେ ହେବାକୁ ଯାଉଥିବା ବେଳେ ପ୍ରତି ପରିବାର କିପରି ଏଥିରେ ସହଭାଗୀ ହୋଇପାରିବେ ସେ ନେଇ ସରକାରଙ୍କ ପକ୍ଷରୁ ପଞ୍ଚାୟତରେ ଜୟ ଜଗନ୍ନାଥ ଅର୍ପଣ ରଥ ପରିକ୍ରମା କରୁଛି। ଗରଦପୁର ବ୍ଲକରେ ଶୁକ୍ରବାର ତଳକୁସମା, ସାନଅଡ଼ଙ୍ଗା ଓ ବେଡାରୀ ପଞ୍ଚାୟତରେ ଅର୍ପଣ ରଥ ଗଡ଼ିଛି। ଏହି ରଥ ପରିକ୍ରମା ବେଳେ ମହିଳା ଓ ଶ୍ରଦ୍ଧାଳୁମାନେ ଚାଉଳ, ଗୁଆ ଅର୍ପଣ କରିଛନ୍ତି। ପ୍ରଥମେ ରଥକୁ ପୂଜାର୍ଚ୍ଚନା ପରେ ତଳକୁସମା ପଞ୍ଚାୟତ କାର୍ଯ୍ୟାଳୟଠାରୁ ବାହାରି ଚାରିଛକ ଦେଇ ତେନ୍ତୋଳ ଦେଇ ପରିକ୍ରମା କରିଥିଲା। ଏହି ପରିକ୍ରମାରେ ବ୍ଲକ ଅଧ୍ୟକ୍ଷ ଅଭୟ ମହାରାଜ, ସରପଞ୍ଚ



ତଳକୁସୁମା ପଞ୍ଚାୟତରେ ଅରୁଆ ଚାଉଳ, ଗୁଆ ଶ୍ରଦ୍ଧାଳୁଙ୍କଠାରୁ ଗ୍ରହଣ କରାଯାଉଛି।

ପ୍ରଭାତ ନଳିନୀ ଜେନା, ସମିତି ସଭ୍ୟ ପ୍ରଭାସ ରଞ୍ଜନ ସାହୁ, ପୂର୍ବତନ ସରପଞ୍ଚ ଅଶୋକ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସାନଅଡ଼ଙ୍ଗା ପଞ୍ଚାୟତର କର୍ଣ୍ଣେଶ୍ୱର ମଠ ନିକଟରୁ ରଥ ବାହାରି କୋରୁଆ କଞ୍ଚିଲୋ ,ସାନଅଡ଼ଙ୍ଗା ଦେଇ ପରିକ୍ରମା କରିଥିଲା। ଏହି ଅବସରରେ ବିଡିଓ ପ୍ରଦ୍ୟୁମ୍ନ କୁମାର ନାୟକ, ସରପଞ୍ଚ ଅଭୟ କୁମାର ମଲ୍ଲ, ବୀରବର ମହାନ୍ତି ଉପସ୍ଥିତ ଥିଲେ। ବେଡାରୀ ପଞ୍ଚାୟତର ଦଧିବାମନଜୀଉ ପୀଠରୁ ଅର୍ପଣ ରଥ ବାହାରି ସୋଲପାଟ, ବେଡାରୀ, କୁଲଡୁଠି, ଦଲୁଆଣି ଦେଇ ହରିଦାସପୁର ଗ୍ରାମ ପରିକ୍ରମା କରି ହରଗୌରୀ ଆଶ୍ରମଠାରେ ପହଞ୍ଚିଥିଲା। ଏହି ଅବସରରେ ବେଡାରୀ ପଞ୍ଚାୟତ ସରପଞ୍ଚ କୁଞ୍ଜଲତା ମିଶ୍ର, ସମିତିସଭ୍ୟ ଦୀଲିପ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ଆଳି ବ୍ଲକ ଦଶିପୁର ପଞ୍ଚାୟତରେ ଏହି ରଥ ପରିକ୍ରମା କରିଛି। ଏହି ରଥ ପରିକ୍ରମାରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ ଯୋଗଦେଇ ଗ୍ରାମର ମହିଳାମାନଙ୍କ ନିକଟରୁ ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରିଥିଲେ। ଦଶିପୁର ପଞ୍ଚାୟତରେ ଏହି ରଥ ପହଞ୍ଚିବା ପରେ ମହିଳାମାନେ ବନ୍ଦାପନା କରି ସ୍ୱାଗତ କରିଥିଲେ। ଶତାଧିକ ପୁରୁଷ, ମହିଳାଙ୍କ ସଂକୀର୍ତ୍ତନରେ ଗାଁ ଦାଣ୍ଡ ଜୟ ଜଗନ୍ନାଥ ଧ୍ୱନୀରେ ପ୍ରକମ୍ପିତ ହୋଇଥିଲା। ମହିଳାମାନେ ମହାପ୍ରଭୁ ଉଦ୍ଦେଶ୍ୟରେ ଘରୁ ଗୁଆ, ଅରୁଆ ଚାଉଳ ଓ ନଡ଼ିଆ ଆଦି ପ୍ରଦାନ କରିଥିଲେ। ଏହି ଅର୍ପଣ ରଥ ଗାଁ ପରିକ୍ରମା କରିବା ସମୟରେ ସରପଞ୍ଚ ପ୍ରଦ୍ୟୋତ ମହାନ୍ତି, ସମିତିସଭ୍ୟ ପ୍ରତିନିଧି ସୁରେଶ ବରଜ, ରବୀନ୍ଦ୍ର ମଲିକ,ଜଗନ୍ନାଥ ସାମଲ ପ୍ରମୁଖ ସାମିଲ ହୋଇଥିଲେ।

## ବିବେକାନନ୍ଦଙ୍କ ବାଣୀକୁ ପିଲା ଅନୁସରଣ କରନ୍ତୁ

ପାଟକୁରା, ୧୨।୧ (ରବୀନ୍ଦ୍ରନାଥ ବାରିକ)

ଗରଦପୁର ବ୍ଲକ ତେଣ୍ଡାକୁଡ଼ାଠାରେ ଅବସ୍ଥିତ ବିଜୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ରେଡ଼କ୍ରସ ଆନୁକୂଲ୍ୟରେ ଜାତୀୟ ଯୁବ ଦିବସ ଅନୁଷ୍ଠିତ ହୋଇଯାଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ତ୍ରିଲୋଚନ ସ୍ୱାଇଁ ଉତ୍ସବକୁ ଉଦ୍‌ଘାଟନ କରିବା ସହ ସଭାପତିତ୍ୱ କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭଗବତୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅର୍ଥନୀତି ବିଭାଗର ଅଧ୍ୟାପକ ସୟଦ ନସିମ୍ ଅହେମ୍ମଦ ଯୋଗଦାନ କରି ଯୁବ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ମତ ଉପସ୍ଥାପନ କରିଥିଲେ। ମୁଖ୍ୟବକ୍ତା ଭାବେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ସଂସ୍ଥାର କାର୍ଯ୍ୟନିର୍ବାହୀ ତଥା ଶିକ୍ଷା ବିଭାଗର ଅଧ୍ୟାପକ ବସନ୍ତ କୁମାର ପାତ୍ର ଜାତୀୟ ଅଭିବୃଦ୍ଧି କ୍ଷେତ୍ରରେ ଯୁବ ଶକ୍ତିର ଆବଶ୍ୟକତା ଓ ସ୍ୱାମୀ ବିବେକାନନ୍ଦଙ୍କର ଜୀବନୀ ଓ ବାଣୀ ଉପରେ ମତ ଉପସ୍ଥାପନ କରିଥିଲେ। ସମ୍ମାନିତ ଅତିଥି ଭାବେ ଉର୍ଦ୍ଦୁ ବିଭାଗର ଅଧ୍ୟାପକ ମହମ୍ମଦ ମାହାସୁଦ୍ ଅଲ୍ଲୀ ବିବେକାନନ୍ଦଙ୍କ ଜୀବନି ଅନୁସରଣ କରି ଯୁବପିଢି ନିଜର ଭବିଷ୍ୟତ ଗଠନ କରିବାକୁ ପରାମର୍ଶ ପ୍ରଦାନ କରିଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁବ ରେଡ଼କ୍ରସ୍‌ର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ବାଣିଜ୍ୟ ବିଭାଗ ଅଧ୍ୟାପକ ବିଶ୍ୱଜିତ ମହାନ୍ତି ଅତିଥି ପରିଚୟ ପ୍ରଦାନ ସହ ଧନ୍ୟବାଦ ଦେଇଥିଲେ। ସଂସ୍କୃତ ବିଭାଗ ଅଧ୍ୟାପିକା ତନୁଜା ବିଶ୍ୱାଳ, ବାଣିଜ୍ୟ ବିଭାଗ ଅଧ୍ୟାପିକା ଜ୍ୟୋତିସ୍ମିତା ଜେନା, ଶିକ୍ଷା ବିଭାଗର ସହାୟକ ପ୍ରଶାନ୍ତ କୁମାର ବଳ, ସହ ଗ୍ରନ୍ଥାଗାରିକ ସୋନାଲିସା ମହାନ୍ତି ଏବଂ କର୍ମଚାରୀ ରାଧାଶ୍ୟାମ ଦାଶ ଓ ରଣଜିତ ମହାନ୍ତି ଏଥିରେ ସହଯୋଗ କରିଥିଲେ।

## ଫାଇନାଲରେ ଆଥ୍‌ଲେଟିକ୍ କ୍ରିକେଟ୍ ଟିମ୍ ଜାଗୁଲାଇ

### ରାଜ୍ୟସ୍ତରୀୟ ମହାବୀର ଚ୍ୟାଲେଞ୍ଜ ଟ୍ରଫି

ରାଜନଗର, ୧୨।୧ (ଭାସ୍କର ରାଉତରାୟ)

ମଦନପୁର ଖେଳ ପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ମହାବୀର ଚ୍ୟାଲେଞ୍ଜ ଟ୍ରଫିର ଶୁକ୍ରବାର ୨ୟ ସେମିଫାଇନାଲରେ ବରୀ କ୍ରିକେଟ ଟିମ୍‌କୁ ହରାଇ ଆଥ୍‌ଲେଟିକ କ୍ରିକେଟ ଟିମ୍ ଜାଗୁଲାଇ ୨ୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ଟସ୍ ଜିତି ଜାଗୁଲାଇ କ୍ରିକେଟ ଟିମ୍ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂକରି ବରୀ କ୍ରିକେଟ ଟିମ୍ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୨୫୨ ରନ କରିଥିଲା। ଜବାବରେ ଆଥ୍‌ଲେଟିକ କ୍ରିକେଟ ଟିମ୍ ଜାଗୁଲାଇ ୧୫.୫ ଓଭରରେ ୫ ଉଇକେଟ ହରାଇ ବିଜୟ ଲାଭ କରିଥିଲା। ଜାଗୁଲାଇ ଟିମ୍‌ର ଦିବାକର କର ୩୪ ବଲରେ ୧୦୮ ରନ କରି ମ୍ୟାନ ଅଫ୍ ଦି ମ୍ୟାଚ ହୋଇଥିଲେ। ମ୍ୟାଚରେ ଅତିଥି ଭାବେ ସଂସାରଫଳ ପଞ୍ଚାୟତର ସମିତିସଭ୍ୟ ପର୍ଶୁରାମ ବେହେରା, ଚନ୍ଦନନଗର କଳିଙ୍ଗ ଗ୍ରାମ୍ୟ ବ୍ୟାଙ୍କର ମ୍ୟାନେଜର ଯୋଗଦେଇ ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ। ମ୍ୟାଚରେ ଅମ୍ପାୟର ଭାବେ ଅଞ୍ଜନ ବେହେରା, ନିରଞ୍ଜନ ଦାସ ଖେଳ ପରିଚାଳନା କରିଥିଲେ। ମହାବୀର ଯୁବକ ସଂଘର ସଭାପତି ଆଶିଷ ରାଉଳ, ଉପସଭାପତି ଶଶଧର ପ୍ରଧାନ, ସମ୍ପାଦକ ପ୍ରକାଶ ବେହେରା, ମ୍ୟାନେଜର ସଚିଦାନନ୍ଦ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଶାଶୁ, ୨ ପିଲାଙ୍କ ସହ ମା’ ପଲିଥିନ ତଳେ

ରାଜକନିକା, ୧୨।୧ (ସଞ୍ଜୟ କୁମାର ଦାଶ)

ରାଜ୍ୟ ସରକାର ବିଭିନ୍ନ ଯୋଜନା ମାଧ୍ୟମରେ ଗରିବମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରାଇବା ପ୍ରୟାସ ଜାରି ରଖିଛନ୍ତି। ଏଥିପାଇଁ ବିଭିନ୍ନ ଯୋଜନା କରୁଛନ୍ତି। ହେଲେ ଯୋଜନାଗୁଡିକ ବାଟହୁଡ଼ି ଯାଉଛି। ପ୍ରକୃତ ହିତାଧିକାରୀ ଆବାସ ଯୋଜନାରୁ ବଞ୍ଚିତ ହେଉଛନ୍ତି। ଯାହାର ଉଦାହରଣ ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ସିହପଡ଼ା ଗ୍ରାମର ଝୁମୁରୀ ମଲିକ(୩୦)ଙ୍କ କ୍ଷେତ୍ରରେ। ଦୁଇ ଛୋଟ ପିଲାଙ୍କ ସହ ଶଯ୍ୟାଶାୟୀ ବୃଦ୍ଧା ଶାଶୁ ଲକ୍ଷ୍ମୀପ୍ରିୟା(୬୨)। ଶାଶୁଙ୍କର ପକ୍ଷାଘାତ ହେତୁ ଗୋଡ଼ କାମ କରୁନାହିଁ। ସେ ଘୋଷାରି ହୋଇ ନିଜର ନିତ୍ୟକର୍ମ କରିଥାନ୍ତି। ଡାକ୍ତର ଦେଖାଇବାକୁ ପାଖରେ ପଇସାଟିଏ ନାହିଁ। ଝୁମୁରୀ ପର ଘରେ ମୂଲ ଲାଗିଲେ ପରିବାରରେ ଚୁଲି ଜଳେ। ଫଳରେ ଶାଶୁ, ଦୁଇ ପିଲାଙ୍କୁ ଧରି ପଲିଥିନ



ଭଙ୍ଗା ଘର ସମ୍ମୁଖରେ ଝୁମୁରୀ ମଲିକ ଓ ତାଙ୍କ ଝିଅ, ପୁଅ।

ତଳେ ଜୀବନ ବିତାଇବାକୁ ପଡୁଛି।

ସିହପଡ଼ା ଗ୍ରାମର ଝୁମୁରୀଙ୍କ ପରିବାର କହିଲେ ଝିଅ, ପୁଅ ଓ ଶାଶୁ। ଝିଅ ଶ୍ରାବଣୀ(୧୨), ପୁଅ ସମୀର(୭ ) ଓ ଶାଶୁ ଲକ୍ଷ୍ମୀପ୍ରିୟା। ହସଖୁସିରେ ଚଳୁଥିଲା ସଂସାର। ସ୍ୱାମୀ ପ୍ରକାଶ ଯାହା ରୋଜଗାର କରୁଥିଲେ ସେଥିରେ ପରିବାର ସୁରୁଖୁରୁରେ ଚଳିଯାଉଥିଲା। ଦେଢ଼ବର୍ଷ ତଳେ ପ୍ରକାଶଙ୍କର କୌଣସି କାରଣବଶତଃ ମୃତ୍ୟୁ ହୋଇଗଲା। ସ୍ୱାମୀଙ୍କ ମୃତ୍ୟୁ ପରେ

- ସ୍ୱାମୀଙ୍କ ମୃତ୍ୟୁ ପରେ ଝୁମୁରୀ ପର ଘରେ ମୂଲ ଲାଗିଲେ ଜଳୁଛି ଚୁଲି
- ଅର୍ଥାଭାବରୁ ଦୁଇ ପିଲାଙ୍କ ପାଠ ପଢ଼ାରେ ଡୋରି

ଝୁମୁରୀ ମୁଣ୍ଡ ଉପରେ ମାଡି ଆସିଲା ଦୁଃଖ। ପରିବାରର ସମ୍ପୂର୍ଣ୍ଣ ଦାୟିତ୍ୱ ମୁଣ୍ଡକୁ ନେଇଥିଲେ। ନା’ ଅଛି ଜମିବାଡ଼ି ନା’ ଅଛି କିଛି ସମ୍ବଳ। ପରିବାରରେ ରୋଜଗାର ନ ଥିବା ବେଳେ, ବୃଦ୍ଧା ଶାଶୁ ଓ ଦୁଇ ପିଲାଙ୍କ ମୁହଁରେ ଦାନା ଦେବା ପାଇଁ ଝୁମୁରୀ ମୂଲ ଲାଗିବାକୁ ବାହାରି ଥିଲେ। ପର ଘରେ ଝୁମୁରୀ କାମ କରନ୍ତି। ଯେଉଁଦିନ ଦେହ ପା’ ଖରାପ ହୁଏ କାମକୁ ନ ଗଲେ ସେହିଦିନ ପରିବାର ଉପବାସରେ ଦିନ କାଟିଥାନ୍ତି। ପକ୍ଷାଘାତ ରୋଗୀ ଶଯ୍ୟାଶାୟୀ ଶାଶୁଙ୍କ ସହ ଛୋଟ ଛୋଟ ପିଲାମାନଙ୍କୁ ନେଇ ଏକ ଭଙ୍ଗା ଘରେ ପଲିଥିନ ତଳେ ରହୁଛନ୍ତି। ପଇସାପତ୍ର ଅଭାବରୁ ଝିଅ ଶ୍ରାବଣୀ ସପ୍ତମରୁ ପାଠ ପଢ଼ାରେ ଡୋରି ବାନ୍ଧିଥିବାବେଳେ ପୁଅ ସମୀରର ପ୍ରଥମରୁ ହିଁ ପାଠପଢା ବନ୍ଦ ରହିଛି। ଶାଶୁଙ୍କର ମଧ୍ୟ ବାର୍ଦ୍ଧକ୍ୟ ଭତ୍ତା ମିଳୁନାହିଁ। ଭତ୍ତା ମିଳିଲେ ସେହି ପଇସାରେ ଔଷଧ କିଣି ଖାଇପାରନ୍ତେ। ସରକାରୀ ସହାୟତା କହିଲେ ଝୁମୁରୀଙ୍କୁ ମିଳୁଛି ବିଧବା ଭତ୍ତା ଓ ଶାଶୁଙ୍କ ନାମରେ ଅଛି ରାଶନକାର୍ଡ। ତୁରନ୍ତ ଝୁମୁରୀ ଓ ତାଙ୍କ ପରିବାରକୁ ସରକାରୀ ସହାୟତା ସହ ଦୁଇ ପିଲାଙ୍କର ପାଠପଢ଼ା ବ୍ୟବସ୍ଥା ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ବିଡିଓ ପୃଥ୍ୱୀରାଜ ପରିଡାଙ୍କୁ ପଚାରିବାରେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇ ତଦନ୍ତ ପୂର୍ବକ ସରକାରୀ ପ୍ରାବଧାନରେ ଯାହା ସହାୟତା କରିହେବ ନିଶ୍ଚିତ କରାଇବୁ ଚେଷ୍ଟା କରିବି ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ନୂଆ-ଓ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

ରାଇକିଆ,୧୨।୧(ପ୍ରଦୀପ ବେହେରା): କନ୍ଧମାଳ ଜିଲା ରାଇକିଆ ଜୀବନ ଜ୍ୟୋତି ମହାବିଦ୍ୟାଳୟ ଖେଳ ପଡିଆ ଠାରେ ଶୁକ୍ରବାର ଯୁବ ଓଡ଼ିଶା ନବୀନ ଓଡିଶା ଯୋଜନାରେ ବ୍ଲକସ୍ତରୀୟ ନୂଆ-ଓ କ୍ରୀଡା ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି। ବ୍ଲକର ବିଭିନ୍ନ ପଞ୍ଚାୟତରୁ ୧୭୦୦ ଛାତ୍ରୀଛାତ୍ର ଭାଗ ନେବାର କାର୍ଯ୍ୟକ୍ରମ ରହିଛି । ବ୍ଲକ ଅଧକ୍ଷ ପ୍ରିତମ ପ୍ରଧାନ, ବିଡ଼ିଓ ସୀମାଞ୍ଚଳ ମଣ୍ଡଳ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ।

### ମହିଳା ସ୍ନାତକ ମହାବିଦ୍ୟାଳୟରେ ଜାତୀୟ ଯୁବ ଦିବସ

ପାରଳାଖେମୁଣ୍ଡି, ୧୨।୧ (ଗିରିଧାରୀ ପରିଛା): ସ୍ଥାନୀୟ ମହିଳା ସ୍ନାତକ ମହାବିଦ୍ୟାଳୟ ପରିସରରେ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ଓ ଜାତୀୟ ଯୁବ ଦିବସ ଏନଏସଏସ ଓ ଯୁବ ରେଡକ୍ରସ ବିଭାଗ ପକ୍ଷରୁ ପାଳିତ ହୋଇଯାଇଛି। ଅଧକ୍ଷା ଡ଼ ରୀନା ସାହୁ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଫଟୋଚିତ୍ରରେ ପୁଷ୍ପମାଳା ଅର୍ପଣ କରିଥିଲେ ଏବଂ ସ୍ୱାମୀ ବିବେକାନନ୍ଦଙ୍କ ବାଲ୍ୟଜୀବନ ଏବଂ ଆଜିର ଯୁବ ସମାଜ କିଭଳି ଅନୁପ୍ରାଣୀତ ହେବେ ସେ ସମ୍ପର୍କରେ ଉପସ୍ଥିତ ଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ସେହିଭଳି ଏନଏସଏସ ସେବା ଯୋଜନା ଅଧିକାରୀ ମଧୁସ୍ମିତା ପ୍ରଧାନ ମଧ ଏହି ଦିବସର ଗୁରୁତ୍ୱପୂର୍ଣ୍ଣ ଉପରେ ଆଲୋକପାତ କରିଥିଲେ। ଡ. ଭାରତୀ ପାଣିଗ୍ରାହୀ ଚିକାଗୋ ଧର୍ମ ସମ୍ମିଳନୀରେ ଭାରତର ବେଦ, ଦର୍ଶନ ଉପରେ ଆଲୋକପାତ କରିଥିବା ସମୟରେ ଡ କଲ୍ୟାଣୀ ମିଶ୍ର ବିବେକାନନ୍ଦଙ୍କ ଆଧାତ୍ମିକତା ଉତ୍କର୍ଷତା ସମ୍ପର୍କରେ ଆଲୋକପାତ କରିଥଲେ। ଯୁବ ରେଡ୍‌କ୍ରସ ଅଧିକାରୀ କୃଷ୍ଣଚନ୍ଦ୍ର ପଣ୍ଡିତ ବିବେକାନନ୍ଦଙ୍କ ଭୂମିକା ଦର୍ଶନ ଉପରେ ବକ୍ତୃତା ପ୍ରଦାନ କରି ଧନ୍ୟବାଦ ଅର୍ପଣ କରିଥିଲେ।

### ସାପ କାମୁଡ଼ାରେ ବୃଦ୍ଧ ମୃତ

ଛତ୍ରପୁର,୧୨।୧(ଦିଲ୍ଲୀପ ସାମଲ): ସାପ କାମୁଡାରେ ଶୁକ୍ରବାର ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି । ସେ ହେଲେ ଛତ୍ରପୁର ବ୍ଲକ ଅନ୍ତର୍ଗତ ଚିକଲଖଣ୍ଡି ଗ୍ରାମର ଖଗେଶ୍ୱର ନାୟକ। ସେ ବିଲକୁ କାମ କରିବାକୁ ଯାଇଥିବା ବେଳେ ତାଙ୍କୁ ସାପ କାମୁଡି ଦେଇଥିଲା। ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

### ଚକ୍ଷୁ ପରୀକ୍ଷା ଶିବିର

ଦିଗପହଣ୍ଡି,୧୧।୧(ଅଶେଷ ନାଥ ମିଶ୍ର) ଦିଗପହଣ୍ଡି ସ୍ଥିତ ବିଜୁ ପଟ୍ଟନାୟକ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁବାର ଚକ୍ଷୁ ପରୀକ୍ଷା ଓ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ନୂଆ- ଓ, ଯୁବ ଓଡିଶା, ନବୀନ ଓଡିଶା ଆନୁକୂଲ୍ୟରେ ଅନୁଷ୍ଠିତ ଶିବିରକୁ ବିଦ୍ୟାଳୟ ଅଧକ୍ଷା ସସ୍ମିତା କୁମାରୀ ପାଠୀ ଉଦ୍‌ଘାଟନ କରିଥିବା ବେଳେ ବ୍ରହ୍ମପୁର ରୁବି ଚକ୍ଷୁ ଚିକିତ୍ସାଳୟର ବିଶେଷଜ୍ଞ ଦଳ ଉପସ୍ଥିତ ରହି ଛାତ୍ରୀମାନଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ସୁଧୀର କୁମାର ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଶିବିରକୁ ଅଧାପକ ପୀତବାସ ପାଢ଼ୀ, ଅଧାପିକା ମଞ୍ଜୁଳା ସାମନ୍ତରାୟ, ସବିତା କୁମାରୀ ପଣ୍ଡା, କର୍ମଚାରୀ ଏମ୍. ଭାସ୍କର, ମମିତା କୁମାରୀ ପଣ୍ଡା, ବି. ଲୋକନାଥ ସହଯୋଗ କରିଥିଲେ।

# ଚିକିତ୍ସାଳୟରେ ରୋଗୀଙ୍କୁ ମିଳୁନି ବେଡଶିଟ୍

- ଖାଲି ଶଯ୍ୟାରେ ଶୋଉଛନ୍ତି ରୋଗୀ
- ନୂଆ ଏଜେନ୍ସି ନେବା ପରେ ବଢ଼ିଲା ଅବ୍ୟବସ୍ଥା
- ହାତ ଟେକିଦେଲେ ଡିଏଚଏଚ୍ ସୁପରିଣ୍ଟେଣ୍ଡେଣ୍ଟ

ନୟାଗଡ,୧୨।୧(ଲୋକନାଥ ମିଶ୍ର)



ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟ(ଡିଏଚଏଚ) ଶର୍ଜରୀ, ମେଡିସିନ୍, ଶିଶୁ ଓ ପ୍ରସୂତି ପରି ୱାର୍ଡରେ ରୋଗୀଙ୍କୁ ବେଡଶିଟ୍ ଦିଆଯାଉନାହିଁ। ୩ଦିନ ହେଲା ଖାଲି ଶଯ୍ୟାରେ ରୋଗୀ ଶୋଇବା ପରି ଚିତ୍ର ନଜରକୁ ଆସିଛି। ନୂଆ ଏଜେନ୍ସ ନେଲା ପରେ ବଢ଼ିଛି ଅବ୍ୟବସ୍ଥା। ରୋଗୀଙ୍କୁ ବେଡଶିଟ୍ ଦେବାକୁ ଜିଲା ମୁଖ୍ୟ ଚିକିତ୍ସାଳୟର ସୁପରିଣ୍ଟେଣ୍ଡେଣ୍ଟଙ୍କ ନିର୍ଦ୍ଦେଶକୁ ନୂଆ ଏଜେନ୍ସି ଅଣଦେଖା କରିବା ପରେ ଅବ୍ୟବସ୍ଥା ବଢ଼ିବାରେ ଲାଗିଛି। ଏ ନେଇ ସର୍ଜରୀ ୱାର୍ଡର କାଳନ୍ଦୀ ଚରଣ ସାହୁ, ପାଣ୍ଡେରୀପଡ଼ାର ଶଶିରେଖା କର, ଖଳିପାଟଣାର ସୁରେନ୍ଦ୍ର ଧଳ, ଖମାରସାହିର ଅନେଖା ପ୍ରଧାନ କୁହନ୍ତି, ପୂର୍ବରୁ ବେଡଶିଟ୍ ମିଳୁଥିଲା। ୪ ଦିନ ହେଲା ବେଡଶିଟ୍ ଦେଉନାହାନ୍ତି। ଆମେ ଅଭିଯୋଗ କଲେ ଆମ ଅଭିଯୋଗକୁ ଚିକିତ୍ସାଳୟ କର୍ତ୍ତୃପକ୍ଷ ଅଣଦେଖା କରୁଛନ୍ତି। ଆମେ କିଛି ବେଡଶିଟ୍ ଘରୁ ଆଣିଥିଲୁ। ହେଲେ ଆମ ପାଖରେ ପ୍ରତିଦିନ ବେଡଶିଟ୍ ବଦଳାଇବାରେ ଅସୁବିଧା ହେଉଛି। ମେଡିସିନ ୱାର୍ଡରୁ ବଡ଼ପୁଟର ଗୀତାଞ୍ଜଳି ପ୍ରଧାନ କୁହନ୍ତି, ସବୁ ୱାର୍ଡରେ ବେଡଶିଟ୍ ସମସ୍ୟା ଦେଖା ଦେଇଛି। ଏଜେନ୍ସି ବଦଳିବା ପରେ ଏଭଳି ହୋଇଥିବା କୁହାଯାଉଛି। ପ୍ରତିଦିନ ବେଡଶିଟ୍ ମିଳିବ ବୋଲି କୁହାଯାଉଛି। ହେଲେ ବେଡଶିଟ ମିଳୁନି। ୪ଦିନ ହେଲା ଏଭଳି ସମସ୍ୟା ଲାଗି ରହିଛି। ଜିଲାପାଳ ଓ ସିଡିଏମ୍ ହସ୍ତକ୍ଷେପ ପରେ ପରିସ୍ଥିତ ବଦଳନ୍ତା ବୋଲି କହିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟର ସୁପରିଣ୍ଟେଣ୍ଡେଣ୍ଟ ସୁଧାଂଶୁ ଶେଖର ଷଡଙ୍ଗୀ କୁହନ୍ତି, ନୂଆ ଏଜେନ୍ସି ଆସିବା ପରେ ବେଡଶିଟ୍ ସମସ୍ୟା ଦେଖା ଦେଇଛି। ନୂଆ ଏଜେନ୍ସିକୁ ବାରମ୍ବାର କହିବା ପରେ କିଛି ସୁଫଳ ମିଳୁନି। ଏଣୁ ୪ଦିନ ହେଲା ରୋଗୀ ବେଡଶିଟ୍ ପାଇ ପାରୁନାହାନ୍ତି ଦର୍ଶାଇ କ୍ଷୋଭ ପ୍ରକାଶ କରିଥିଲେ। ତେବେ ରୋଗୀ କିପରି ଶୀଘ୍ର ବେଡଶିଟ୍ ପାଇବେ ସେନେଇ ମୋ ପକ୍ଷରୁ ପ୍ରୟାସ ଜାରି ରହିଥିବା କହିଛନ୍ତି। ସାମାଜିକ କର୍ମୀ ବିଭୂତି ପଟ୍ଟନାୟକ ଓ ରାମ ଶଙ୍କର ବେହେରା କୁହନ୍ତି, ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀ ବେଡଶିଟ୍ ନ ପାଇବା ଉଦ୍‌ବେଗର ବିଷୟ। ୪ ଦିନ ହେଲା ରୋଗୀ ବେଡଶିଟ୍ ନ ପାଇ କେବଳ ବେଡରେ ଶୋଉଛନ୍ତି। ଇନ୍‌ଫେକଶନ ହେବାର ଭୟ ରହିଛି। ଗୋଟେ ନୂଆ ଏଜେନ୍ସି କାମ ପ୍ରାରମ୍ଭରୁ ମନମାନି ଆରମ୍ଭ କରି ସାରିଲାଣି। ଆଗକୁ ରୋଗୀଙ୍କୁ ଅଧିକ ହଇରାଣ କରିବ। ଏଣୁ ନୂଆ ଏଜେନ୍ସିକୁ ଜିଲାପାଳ ବାତିଲ କରାନ୍ତୁ ବୋଲି ସେମାନେ ଦାବି କରିଛନ୍ତି।

# ୨୧ରେ ରଣପୁରରେ ଭକ୍ତି ସଙ୍ଗୀତ ପ୍ରତିଯୋଗିତା



ସାମ୍ବାଦିକ ସମ୍ମିଳନୀରେ ପ୍ରତିଯୋଗିତା ସମ୍ପର୍କରେ ସୂଚନା ଦିଆଯାଉଛି।

ରଣପୁର,୧୨।୧
(ସୁକାନ୍ତ କିଶୋର ଡ଼ାକୁଆ )

ରଣପୁର 'ସଙ୍ଗୀତଧାରା' (ସ୍ୱର ସଙ୍ଗୀତର ମଧୁମୟ ଝଙ୍କାର) ନୟାଗଡ଼ ଆୟୋଜିତ ଜିଲାସ୍ତରୀୟ ଭକ୍ତି ସଙ୍ଗୀତ ପ୍ରତିଯୋଗିତା ୩ଟି ପର୍ଯ୍ୟାୟରେ ଅନୁଷ୍ଠିତ ହେଉଛି। ପ୍ରତିଯୋଗିତାର ପ୍ରଥମ ପର୍ଯ୍ୟାୟ ନୟାଗଡ଼ ବ୍ଲକ ଏବଂ ଓଡ଼ଗାଁ ବ୍ଲକକୁ ନେଇ ନୟାଗଡ଼ଠାରେ, ଦଶପଲ୍ଲା, ଗଣିଆ ଓ ନୂଆଗାଁ ବ୍ଲକକୁ ନେଇ ଦଶପଲ୍ଲାରେ, ଖଣ୍ଡପଡ଼ା, ଭାପୁର ବ୍ଲକକୁ ନେଇ ପ୍ରତିଯୋଗୀମାନେ ଖଣ୍ଡପଡ଼ାଠାରେ ଏବଂ ରଣପୁର ବ୍ଲକ ପ୍ରତିଯୋଗୀମାନେ ରଣପୁରଠାରେ ଭାଗ ନେବା ସ୍ଥିରୀକୃତ ହୋଇଥିବା କେନ୍ଦ୍ରରେ ବାଦ୍ୟଯନ୍ତ୍ର ବ୍ୟତୀତ ଅନୁଷ୍ଠିତ ହେବ।

ଏହି କାର୍ଯ୍ୟକ୍ରମ ଇତିମଧ୍ୟରେ ନୟାଗଡ଼-ଓଡ଼ଗାଁ, ଖଣ୍ଡପଡ଼ା-ଭାପୁର ଏବଂ ଦଶପଲ୍ଲା-ନୂଆଗାଁ-ଗଣିଆ ବ୍ଲକରେ ପ୍ରତିଯୋଗିତା ଶେଷ ହୋଇଥିବା ସ୍ଥଳେ ଜାନୁଆରୀ ୨୧ ସକାଳ ୯ଟାରେ ରଣପୁର ବ୍ଲକର ପ୍ରତିଯୋଗିତା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଅନୁଷ୍ଠିତ ହେବ। ଏଥିରେ ୧୪ରୁ ୨୪ବର୍ଷର ଉଭୟ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ପାରିବେ। ଉଚ୍ଚ ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ, ସଙ୍ଗୀତ ଅନୁଷ୍ଠାନ ଓ ଏହା ବାହାରେ ଥିବା ପିଲାମାନେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ। ଚୂଡ଼ାନ୍ତ ପର୍ଯ୍ୟାୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ 'ନୟାଗଡ଼ ସଙ୍ଗୀତ କଲ୍ଲୋଳ' ଉପାଧି ସହିତ ନଗଦ ୧୧ ହଜାର ଟଙ୍କା ପୁରସ୍କାର ଅର୍ଥରାଶି ଏବଂ ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ମାନଙ୍କୁ କ୍ରମାନ୍ୱୟରେ ୫ ହଜାର ଓ ୩ ହଜାର ଅର୍ଥରାଶି ପୁରସ୍କାର ପ୍ରଦାନ ସକାଶେ ସ୍ଥିର କରାଯାଇଛି। ସଙ୍ଗୀତଧାରା ପକ୍ଷରୁ ରଣପୁର କ୍ଷୁଦ୍ର ଜଳସେଚନ ବିଭାଗ ଡାକବଙ୍ଗଳାଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସଭାପତି ନାଟ୍ୟ ଭୂଷଣ ଡ.ବିଜୟ ଚୌଧୁରୀ, ସମ୍ପାଦକ ପ୍ରଶାନ୍ତ ଦାଶ, ମୁଖ୍ୟ ପୃଷ୍ଠପୋଷକ ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକ, ସଂଯୋଜକ ଲକ୍ଷ୍ମୀଧର ସାହୁ, କଣ୍ଠଶିଳ୍ପୀ ତଥା ସଙ୍ଗୀତ ନିର୍ଦ୍ଦେଶକ ସତ୍ୟନାରାୟଣ ମହାପାତ୍ର ଏବଂ ବିରଞ୍ଚି ନାରାୟଣ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# କୋରଡାଗଡ଼ ମାଟିର ମା'ମାନେ ସବୁଥିରେ ଆଗୁଆ



ନୃତ୍ୟ ମାଧମରେ ଅତିଥିଙ୍କୁ ସ୍ୱାଗତ କରୁଛନ୍ତି ଛାତ୍ରୀମାନେ।

ନୂଆଗାଁ,୧୨।୧ (ଧନେଶ୍ୱର ସାହୁ)

**କୋରଡା ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ କୋରଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟର ବିଂଶତମ ବାର୍ଷିକ ଉତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ପ୍ରଥମେ ସ୍କୁଲ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପ୍ରଭାତ ଫେରି କରାଯାଇ ପରେ ବାର୍ଷିକ ଉତ୍ସବକୁ ଅତିଥିମାନଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରାଯାଇଥିଲା । ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା କରାଯାଇଥିଲା। ଅବସରପ୍ରାପ୍ତ ଶିକ୍ଷକ ଜଳଧର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ନୂଆଗାଁ ଏବିଇଓ ଜ୍ୟୋତ୍ସ୍ନାରାଣୀ ସେଠୀ, ଅବସରପ୍ରାପ୍ତ ଶିକ୍ଷକ ବିରେନ କୁମାର ହୋତା, ସଂଗୀତଜ୍ଞ ମଦନ ମୋହନ ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷକ ଦୀନବନ୍ଧୁ ମହାପାତ୍ର , ଶିକ୍ଷକ ସଂଘ ସଭାପତି ସୀମାଞ୍ଚଳ ସେନାପତି, ସ୍କୁଲ ପରିଚାଳନା କମିଟି ସଭାପତି ସୁରେନ୍ଦ୍ର କୁମାର ବାରିକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଅଭିଭାବକମାନଙ୍କ ଦ୍ୱାରା ଶିକ୍ଷଣ ସାମଗ୍ରୀ ପ୍ରଦର୍ଶିତ କରାଯାଇ ଅଗ୍ରଣୀ ଅଭିଭାବକ ମିତାରାଣୀ ଚମ୍ପତି, ରଶ୍ମିତା ଗୋଛାୟତ, ସୂର୍ଯ୍ୟଲତା ଚମ୍ପତି, ସବିତା ଖଣ୍ଡୁଆଳ ଓ ସରସ୍ୱତୀ ଖଣ୍ଡୁଆଳଙ୍କୁ ପୁରସ୍କୃତ କରାଯାଇଥିଲା। ତେବେ ଶିକ୍ଷଣୀୟ ସାମଗ୍ରୀଗୁଡ଼ିକୁ ଦେଖି ଅତିଥିମାନେ ଅଭିଭୂତ ହୋଇଯାଇଥିଲେ। ତେବେ କୋରଡ଼ା ମାଟିର ମହିଳା ଓ ମାଆମାନେ ସବୁଥିରେ ଆଗୁଆ ଥାଆନ୍ତି ବୋଲି ସଂଗୀତଜ୍ଞ ପ୍ରଧାନ କହିଥିଲେ। ସ୍କୁଲ ଛାତ୍ରୀଛାତ୍ରମାନଙ୍କ ଦ୍ୱାର ପ୍ରଦର୍ଶିତ ନୃତ୍ୟ ବେଶ୍ ମନମୁଗ୍ଧକର ହୋଇଥିଲା। ପିଲାମାନଙ୍କ ଦ୍ୱାରା ପ୍ରଦର୍ଶିତ କ୍ଷୁଦ୍ର ନାଟକ ତଥପୋଇ ଦର୍ଶକମାନଙ୍କୁ ଉତ୍ସବରେ ବାନ୍ଧି ରଖିଥିଲା। ଏହି କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ କବିତା ମଞ୍ଜରୀ ବାହିନୀପତି ପରିଚାଳନା କରିଥିବାବେଳେ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ।

# ସ୍ୱଚ୍ଛ ସର୍ବେକ୍ଷଣରେ ଚିକିଟି ରାଜ୍ୟରେ ପ୍ରଥମ

ଚିକିଟି,୧୨।୧(ପ୍ରକାଶ ଚନ୍ଦ୍ର ସାହୁ): ସ୍ୱଚ୍ଛ ସର୍ବେକ୍ଷଣ ମାଧମରେ ସହରାଞ୍ଚଳ ଗୁଡ଼ିକର ପରିମଳ ବ୍ୟବସ୍ଥା ଓ ଏହାର ବିଭିନ୍ନ କାର୍ଯ୍ୟକ୍ରମକୁ ସର୍ବେକ୍ଷଣ କରି ପୁରସ୍କାର କରାଯାଇଥାଏ। ଉକ୍ତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗଦେଇ ସ୍ୱଚ୍ଛ ସର୍ବେକ୍ଷଣ ଉପରେ ପୂର୍ବାଞ୍ଚଳ ଜୋନର ୧୫ ହଜାର ଜନସଂଖ୍ୟା ବିଶିଷ୍ଟ ଅଞ୍ଚଳର ଦ୍ରୁତ ପରିମଳ ପରିଚାଳନାରେ ଓଡ଼ିଶାରେ ଚିକିଟି ବିଜ୍ଞାପିତ ଅଞ୍ଚଳ ପରିଷଦ ପ୍ରଥମ ସ୍ଥାନ ଅଧିକାର କରିଥିବା ଘୋଷଣା କରିଥିଲେ। ଏଣୁ କେନ୍ଦ୍ର ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ରାଷ୍ଟ୍ରମନ୍ତ୍ରୀ ଓ ସମ୍ମାନିତ ଅତିଥି ଭାବେ ବିଭାଗୀୟ ସଚିବ ମନୋଜ ଯୋଶୀ ପୁରସ୍କାର ପ୍ରଦାନ କରିଥିଲେ। ଉକ୍ତ ପୁରସ୍କାରକୁ ଆଡିଶନାଲ ସେକ୍ରେଟାରୀ ରାଜ୍ୟ ନୋଡାଲ ଅଫିସର ଦେବାଶିଷ ସିଂ, ଚିକିଟି ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ କୁଳଦୀପ କୁମାର, ଏନ୍‌ଏସି ଅଧକ୍ଷା ଦୀପା କୁମାରୀ ସାହୁ, ସାନିଟେସନ ବିଶେଷଜ୍ଞ ବାଳକୃଷ୍ଣ ନାୟକ ଗ୍ରହଣ କରିଥିଲେ।

# ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥି।

ଖଣ୍ଡପଡ଼ା,୧୨।୧
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଲିପ୍ସା ନନ୍ଦଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରରେ ମୁଖ୍ୟ ଅତିଥି ଭାବେ ଖଣ୍ଡପଡ଼ା ବିଇଓ କୈଳାସ ଚନ୍ଦ୍ର କର, ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍ ତଥା ପୂର୍ବତନ ପ୍ରଧାନ ଶିକ୍ଷକ ମହେଶ୍ୱର ନନ୍ଦ, ସମ୍ମାନିତ ଅତିଥି ଭାବେ ବିଆର୍‌ସିସି ନାରାୟଣ ଦାଶ, ସିଆର୍‌ସିସି ନରେନ୍ଦ୍ର କୁମାର ସାହୁ, ଶିକ୍ଷୟିତ୍ରୀ ଗୀତାଞ୍ଜଳି ଖଟୁଆ, ଖଣ୍ଡପଡ଼ାର ପ୍ରଥମ ନଗରପାଳ କିଶୋର ଚନ୍ଦ୍ର ଦାଶ ପ୍ରମୁଖ ଯୋଗଦେଇ ଅନୁଷ୍ଠାନର ଉତ୍ତୋରତର ଉନ୍ନତି କାମନା କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅନୁଷ୍ଠାନର ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ଗାନ କରିବା ପରେ ଅତିଥିମାନେ ଉତ୍ସବର ଶୁଭାରମ୍ଭ କରିଥିଲେ। ଶିକ୍ଷାନୁଷ୍ଠାନଗୁଡ଼ିକରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ଉପରେ ବ୍ଲକ ଶିକ୍ଷାଧିକାରୀ ଗୁରୁତ୍ୱାରୋପ କରିବା ସହ ପ୍ରତ୍ୟେକ ଛାତ୍ରୀଛାତ୍ର ଶିକ୍ଷା ଗ୍ରହଣ କରି ସମାଜରେ ଜଣେ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ କ୍ରୀଡା ଓ ଅନ୍ୟ ପ୍ରତିଯୋଗିତାର କୃତୀତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। ଅନୁଷ୍ଠାନର ଛାତ୍ରୀଛାତ୍ରମାନେ ବେଟି ବଢ଼ାଓ, ବେଟି ବଞ୍ଚାଓ ଯୋଜନାର ସଫଳ ରୂପାୟନ ନେଇ ସଚେତନତା ସୃଷ୍ଟି ନିମନ୍ତେ 'ସୁନା ଝିଅ ସୁବର୍ଣ୍ଣା' ଶୀର୍ଷକ ଏକ ନାଟକ ପରିବେଷଣ କରି ଦର୍ଶକଙ୍କ ମନୋରଞ୍ଜନ କରିଥିଲେ । ବିଦ୍ୟାଳୟ ପରିଚାଳନା କମିଟିର ସଭାପତି, ସଦସ୍ୟଙ୍କ ସମେତ ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ବାର୍ଷିକ ଉତ୍ସବରେ ଯୋଗ ଦେଇଥିଲେ।

# ବୁଗୁଡ଼ା ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ

ଦଶପଲ୍ଲା, ୧୨।୧( ପ୍ରକାଶ କୁମାର ପାଣି)

ଆଦିବାସୀ ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ନୟାଗଡ଼ ଜିଲାର ସର୍ବ ବୃହତ ବୁଗୁଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ (ବୁଗୁଡା କନ୍ୟାଶ୍ରମ)ରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଧାନ ଶିକ୍ଷୟିତ୍ରୀ ନମିତା ସ୍ୱାଇଁ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ, ଜିଲା ମଙ୍ଗଳ ଅଧିକାରୀ ଦୟାନିଧି ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ସାମଗ୍ରୀକ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଚିତ୍ତରଞ୍ଜନ ବେହେରା, ମା' ହେଲେ ପାଠୋଇ, ଦେଶ ଯିବ ଆଗେଇ ନାରାକୁ ସଫଳ କରିବାକୁ ହେଲେ, ଛାତ୍ରୀମାନେ ଉପଯୁକ୍ତ ଶିକ୍ଷା ଲାଭ କରି ସମାଜର ବିଭିନ୍ନ କ୍ଷେତ୍ରରେ ନିଜର କୃତିତ୍ୱ ପ୍ରତିପାଦନ କରିବାକୁ ପରାମର୍ଶ ଦେଇଥିଲେ। ଏସ୍‌ଏମ୍‌ଏସି ଅଧ୍ୟକ୍ଷା ବିଶ୍ୱକାନ୍ତି ରାୟଗୁରୁ ବିଦ୍ୟାଳୟର, ଛାତ୍ରୀମାନଙ୍କର ମଙ୍ଗଳ କାମନା କରିଥିଲେ। ଶେଷରେ ବିଦ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀମାନଙ୍କୁ ମୁଖ୍ୟ ଅତିଥି ପୁରସ୍କାର ବିତରଣ କରିଥିଲେ।



# ଓଡ଼ଗାଁ ମହୋତ୍ସବ, ପଲିଶ୍ରୀ ମେଳାର ୨ୟ ସନ୍ଧ୍ୟା

ଓଡ଼ଗାଁ, ୧୨।୧
(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ମହୋତ୍ସବ ଓ ପଲିଶ୍ରୀ ମେଳାର ୨ୟ ସନ୍ଧ୍ୟା ଶୁକ୍ରବାରରେ ବହୁ ଜନସାମଗମ ଦେଖିବାକୁ ମିଳିଥିଲା। ସନ୍ଧ୍ୟାରେ ଦର୍ଶକ ଆସିବାରେ ସାମାନ୍ୟ ବିଳମ୍ବ ହେବାରେ ବିଭିନ୍ନ ସ୍କୁଲ ପିଲାଙ୍କ ଦ୍ୱାରା ପ୍ରଦର୍ଶିତ ୧୫ କାର୍ଯ୍ୟକ୍ରମରେ ମଧ ଅନୁରୂପ ବିଳମ୍ବ ହୋଇଥିଲା। ଏହାସତ୍ତ୍ୱେ ସ୍କୁଲ ଓ ସ୍ଥାନୀୟ କେତେକ ଅନୁଷ୍ଠାନର ପିଲାଙ୍କ ଦ୍ୱାରା ପୂର୍ବ ରେକର୍ଡିଂର ତାଳେ ତାଳେ ପ୍ରଦର୍ଶିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକ ଓ ଅତିଥିଙ୍କ ଦ୍ୱାରା ବେଶ ଗ୍ରହଣୀୟ ହୋଇଥିଲା। ସ୍କୁଲ ପିଲାଙ୍କ କାର୍ଯ୍ୟକ୍ରମ ପରେ ବରିଷ୍ଠ ଓକିଲ ଗୋବିନ୍ଦ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ବୁଗୁଡ଼ା ବିଡିଓ ସନ୍ତୋଷ କୁମାର ଜେନା, ବିଡିଓ ଜିତେନ୍ଦ୍ର କୁମାର ନାୟକ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଦୁଃଶାସନ ସ୍ୱାଇଁ, ବିଜେଡି ନେତା ନିତ୍ୟାନନ୍ଦ ପ୍ରଧାନ ଓ ବରିଷ୍ଠ ପଣ୍ଡିତ ପ୍ରଭାତ କୁମାର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। କଳା ପ୍ରଦର୍ଶନ ଓ ଏହାକୁ ପ୍ରୋତ୍ସାହନ ନିମନ୍ତେ ମହୋତ୍ସବ ଏକ ପ୍ରକୃଷ୍ଟ ମଞ୍ଚ ବୋଲି ମତ ପ୍ରକାଶ କରିଥିଲେ। ଅତିଥି ଜେନା ଖବରଦାତାଙ୍କ ଭୂମିକାକୁ ଭୂୟସୀ ପ୍ରଶଂସା କରିଥିଲେ। ଏହା ସହିତ ପୁରୀ, କେନ୍ଦୁଝର ଓ ଭୁବନେଶ୍ୱରରୁ ଆସିଥିବା କଳାକାର ଗ୍ରୁପ ବିଳମ୍ବିତ ରାତି ପର୍ଯ୍ୟନ୍ତ ସେମାନଙ୍କ ନୃତ୍ୟାଭିନୟ ପ୍ରଦର୍ଶିତ କରି ଶୀତୁଆ ରାତିରେ ଦର୍ଶକଙ୍କୁ ବାନ୍ଧି ରଖିଥିଲେ। ଷ୍ଟେଜ ମାଷ୍ଟର ଭାବଗ୍ରାହୀ ମହାପାତ୍ର, ଅବସରପ୍ରାପ୍ତ ଶିକ୍ଷକ ପଞ୍ଚାନନ ପଣ୍ଡା, ରଞ୍ଜନ କୁମାର ଦାଶ ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ।




ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଉପସ୍ଥିତ ଅତିଥିବୃନ୍ଦ।

# ଯୁବ ଦିବସରେ ମିନି ମାରାଥନ

ନୟାଗଡ଼,୧୨।୧(ଲୋକନାଥ ମିଶ୍ର)




ଅତିଥିଙ୍କ ଗହଣରେ ପୁରସ୍କୃତ ହୋଇଥିବା ଯୁବତୀ ଯୁବକ।

ଜାତୀୟ ଯୁବ ଦିବସ ଅବସରରେ ନୟାଗଡ଼ ସେବା ଉତ୍ସବ ସମିତି ପକ୍ଷରୁ ଜିଲା ସ୍ତରୀୟ ଯୁବ ଉତ୍ସବ ଓ ମିନି ମାରାଥନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଦେଶ ପାଇଁ ଯୁବକର ବାର୍ତ୍ତା ଦେଇ ଦୁର୍ଗାପ୍ରସାଦଠାରୁ ନୟାଗଡ଼ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ମିନି ମାରାଥନ ଅନୁଷ୍ଠିତ ହୋଇଥିଲା। ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ସବୁଜ ପତାକା ଦେଖାଇ ମିନି ମାରାଥନର ଉଦ୍‌ଘାଟନ କରିଥିଲେ। ମିନି ମାରାଥନ ନୟାଗଡ଼ ଜଗନ୍ନାଥ ମନ୍ଦିରଠାରେ ପହଞ୍ଚିବା ପରେ ଯୁବ ଦିବସ ଅବସରରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସେବା ଉତ୍ସବ ସମିତି ଅଧ୍ୟକ୍ଷ ଶିବରାମ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବିଧାୟକ ସାହୁଙ୍କ ସମେତ ନୟାଗଡ଼ର ପୌରାଧ୍ୟକ୍ଷା ନିରୁପମା ଖଟେଇ, ସାମାଜିକ କର୍ମୀ ଦାମଦର ସାହୁ, ଯୁବ ଉଦ୍ୟୋଗୀ ଚନ୍ଦନ ସାହୁ, ଆଇନଜୀବୀ ଅମୀୟ ପଟ୍ଟନାୟକ, ସେବା ସମିତି ଉପାଧ୍ୟକ୍ଷ ଚିତ୍ତରଞ୍ଜନ ପ୍ରଧାନ, ସାମାଜିକ କର୍ମୀ ଶାରଦା ପ୍ରସାଦ ମହାପାତ୍ର, ଚିତ୍ତରଞ୍ଜନ ପାତ୍ର, ଓଡିଶା ଜୁଡ଼ିସିଆଲ ସେବା ପ୍ରାପ୍ତ ଆଇନ ଛାତ୍ରୀ ସୀମା ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଯୁବକମାନେ ଚାହିଁଲେ ରାଷ୍ଟ୍ରର ବିକାଶ ହେବା ସହ ସମାଜ ସଂସ୍କାର ହୋଇପାରିବ ବୋଲି ବକ୍ତାମାନେ କହିଥିଲେ। କାର୍ଯ୍ୟକ୍ରମ ଶେଷରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସହାଭାଗିତାରେ ବିଭିନ୍ନ ସ୍ଥାନରୁ ଆସିଥିବା କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପାରିବେଶିତ ହେବା ସହ ବହୁ ଉତ୍ସାହି ଯୁବକଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଖବରଦାତା ଜୟଚନ୍ଦ୍ର ବେହେରା ସଂଯୋଜନା କରିଥିବା ବେଳେ ସେବା ସମିତି ପକ୍ଷରୁ ଯୁଧିଷ୍ଠିର ବେହେରା, ପରମେଶ୍ୱର ସାହୁ, ଉମାକାନ୍ତ ମହାପାତ୍ର, ସୋମ୍ୟା ସ୍ୱୟଂପ୍ରଭା, ବର୍ଷା ପ୍ରିୟଦର୍ଶନୀ, ସ୍ମୃତିଶିଖା ପରିଡ଼ା, ସ୍ନେହା ପ୍ରିୟଦର୍ଶନୀ, କୃପାସିନ୍ଧୁ ରାଉତ, କରଣ ବଡ଼ତିଆ, ପ୍ରଶାନ୍ତ କୁମାର ସାହୁ, ଗୁଲସନ କୁମାର ଦାଶ, ଆଶୁତୋଷ ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

